


# ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି

## ବିଶୃଙ୍ଖଳାକାରୀ ସେବାୟତଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

**ପୁରୁଣା ଭୁବନେଶ୍ୱର,୧୫।୧ (ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଗତ ସୋମବାର ନବାଙ୍କ ବେଢ଼ାରୁ ବନ୍ଦ ରହିଥିବା ଠାକୁରଙ୍କ ନୀତିକାନ୍ତି ବୁଧବାର ସନ୍ଧ୍ୟା ୭ଟା ପରେ ସ୍ୱାଭାବିକ ହୋଇଛି। ମନ୍ଦିର ଟ୍ରଷ୍ଟବୋର୍ଡ ଅଧ୍ୟକ୍ଷ ତଥା ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ ପରେ ଠାକୁରଙ୍କୁ ମହାସ୍ନାନ କରାଯାଇ ମଙ୍ଗଳ ଆଳତି, ଅବକାଶ ପରେ ଅନ୍ୟାନ୍ୟ ନୀତିକାନ୍ତି ହୋଇଛି।

ସୂଚନାଥାଉ କି, ଗତ ସୋମବାର ନବାଙ୍କ ବେଢ଼ାରେ କ୍ଷୀର ଆଉଟାଇବାକୁ ନେଇ ଶ୍ରୀଲିଙ୍ଗରାଜଙ୍କ ୨ ପ୍ରମୁଖ ସେବାୟତ ବଡୁ ଏବଂ ମହାସୁଆରଙ୍କ ମଧ୍ୟରେ ବିବାଦ ହେବାରୁ ଠାକୁରଙ୍କ ନୀତି ବନ୍ଦ ହୋଇଥିଲା। ଏପରିକି ଠାକୁରଙ୍କ ମକର ବେଢ଼ା ନୀତି ମଧ୍ୟ ବନ୍ଦ ରହିଥିଲା। ପ୍ରାୟ ତିନିଦିନ ଠାକୁର ଉପବାସରେ ରହିଥିଲେ। ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ କରିବା ଏବଂ ଦୁଇ ସେବାୟତ ଗୋଷ୍ଠୀଙ୍କୁ ମନେଇବାକୁ ନେଇ ବୁଧବାର ସକାଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବାସଭବନରେ ଏକ ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଯାସ ବାହାରି ନ ଥିଲା। ଅପରାହ୍ଣରେ ପୁଣି ତିନି ପ୍ରମୁଖ ନିଯୋଗ



ପୂଜାପଣ୍ଡା, ମହାସୁଆର ଏବଂ ବଡୁ ସେବାୟତଙ୍କୁ ନେଇ ସର୍କିଟ ହାଉସଠାରେ ସ୍ୱତନ୍ତ୍ର ବୈଠକ ହୋଇଥିଲା। ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ସେଦିନର ନୀତି ବନ୍ଦ କିଏ କରିଥିଲା, ତାହା ଅନୁସନ୍ଧାନ କରି ୨୪ଘଣ୍ଟା ମଧ୍ୟରେ ରିପୋର୍ଟ ତଲବ କରିବାକୁ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଡିଏମ୍ ରୁଦ୍ର ନାରାୟଣ ମହାନ୍ତିଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିବାଦ ସୃଷ୍ଟି କରିଥିବା ସମ୍ପୃକ୍ତ ସେବାୟତଙ୍କ ବିରୋଧରେ ୩୨ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ସେହିଭଳି ନୀତି ବନ୍ଦ କରୁଥିବା ସେବାୟତଙ୍କ ଭୋଗ ଦଖଲ ଜମିକୁ ୬୮ଧାରା ବଳରେ ମନ୍ଦିର ପ୍ରଶାସନ ସେମାନଙ୍କଠାରୁ ଛଡ଼ାଇ ଆଣିବା ଭଳି ପ୍ରସ୍ତାବ ମଧ୍ୟ ଗ୍ରହଣ କରାଯାଇଛି। ଅନ୍ୟପଟେ କେଉଁ ସେବାୟତଙ୍କ କେଉଁ ସେବା ରହିଛି, ତାହା ବିଗତ ବର୍ଷଗୁଡ଼ିକର ପରମ୍ପରା ନୀତିକୁ ଆଧାର କରି ବ୍ୟବସ୍ଥିତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହାପରେ ଉପସ୍ଥିତ ପ୍ରମୁଖ ନିଯୋଗ ସେବାୟତମାନେ ଆଲୋଚନାରେ ସହମତି ପ୍ରକାଶ କରି ଠାକୁରଙ୍କ ନୀତିକାନ୍ତି କରିବାକୁ ରାଜି ହୋଇଥିଲେ। ଏହାପରେ ସନ୍ଧ୍ୟା ୭ଟାରୁ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ ଦାବିରେ ବୁଧବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦେବୋତ୍ତର କମିଶନରଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚସଭାପତି ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ଆବାହକ ଗଣେଶ ଚନ୍ଦ୍ର ପାଲ, ସୁଲତା ସାହାଣୀ, ମନୋରଞ୍ଜନ ବଟୁ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଅଶୋକ ବଡ଼ପଣ୍ଡା, ଶୁଭ୍ରାଂଶୁ ଶେଖର ଜେନା, ବିଜୟ ଭଟ୍ଟାଚାର୍ଯ୍ୟ, ସୋମ୍ୟରଞ୍ଜନ ପଣ୍ଡା, ଭୂପେଶ ନାୟକ, ଦିଲୀପ ସୁବୁଦ୍ଧି, ବିଭୁପ୍ରସାଦ ବିଶୋଇ, ରାଜେଶ ମିଶ୍ର, ସୁବ୍ରତ ସେନାପତି, ଶିବ ବାବା ଏବଂ ଆଇନଜୀବୀମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ଟଳିପଡ଼ିଲେ ସେବାୟତ

**ପୁରୀ,୧୫।୧ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ମହାପ୍ରଭୁଙ୍କ ସେବା କରିବାବେଳେ ଜଣେ ସୁଆରବଡୁ ସେବକ ଅସୁସ୍ଥ ହୋଇ ଟଳି ପଡ଼ିଛନ୍ତି। ସମ୍ପୃକ୍ତ ଯୁବ ସୁଆରବଡୁ ସେବାୟତ ହେଉଛନ୍ତି ଜଗନ୍ନାଥ ମେକାପ। ହୃଦ୍‌ଘାତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ପାଇଁ ପାଣି ପକାଉଥିବା ସମୟରେ ଜଗନ୍ନାଥ ଛାତିରେ ଗଭୀର ଯନ୍ତ୍ରଣା ଅନୁଭବ କରି ସେଠାରେ ପଡ଼ିଯାଇଥିଲେ। ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗନ୍ନାଥ ଅତି ଶାନ୍ତ ସ୍ୱଭାବର ଥିବାବେଳେ ମହାପ୍ରଭୁଙ୍କ ସେବାକୁ ଅତ୍ୟନ୍ତ ନିଷ୍ଠାର ସହ ସମ୍ପାଦନ କରୁଥିଲେ। ତାଙ୍କ ଆକସ୍ମିକ ମୃତ୍ୟୁରେ ସେବାୟତ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଏସ୍‌ପି ବିନୀତ ଅଗ୍ରୱାଲ ଓ ସେବାୟତମାନେ ଡାକ୍ତରଖାନାରେ ପହଞ୍ଚିଥିଲେ। ଏ ନେଇ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସ୍ୱାଇଁ କହିଛନ୍ତି, ଜଗନ୍ନାଥ ଗତ ଦୁଇବର୍ଷ ହେବ ଅସୁସ୍ଥ ଥିଲେ। ତାଙ୍କର ଛାତିଜନିତ ରୋଗ ସମସ୍ୟା ରହିଥିଲା। ସେ ଏକ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ତେବେ ବୁଧବାର ମହାପ୍ରଭୁଙ୍କ ସେବା କରୁଥିବା ସମୟରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ସେ ସେଠାରେ ବସିପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ସିପିଆର୍ ଦିଆଯାଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଅତ୍ୟନ୍ତ ଦୁଃଖଦ ବିଷୟ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସରକାର ତାଙ୍କ ପରିବାର ସହ ଅଛନ୍ତି। ଯାହା ସହଯୋଗ ଦରକାର ହେବ, ଯୋଗାଇ ଦିଆଯିବ। ଏଭଳି ଦୁଃଖଦ ସମୟରେ ତାଙ୍କ ପରିବାରକୁ ମହାପ୍ରଭୁ ଶକ୍ତି ପ୍ରଦାନ କରନ୍ତୁ। ତେବେ ଏହି ଘଟଣାରେ ମହାପ୍ରଭୁଙ୍କ ସେବା ପ୍ରଭାବିତ ହୋଇନାହିଁ।

# ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ହେଲେ ଆଲୋକ ପ୍ରଧାନ

**ଭୁବନେଶ୍ୱର, ୧୫।୧ (ସୁନିତ୍ ମିଶ୍ର)**

କେନ୍ଦୁଝରେ ଏଡିଏମ୍ ଭାବେ କାର୍ଯ୍ୟ କରୁଥିବା ଆଲୋକ ପ୍ରଧାନଙ୍କୁ ରାଜ୍ୟ ସରକାର ନୂଆ ଦାୟିତ୍ୱ ଦେଇଛନ୍ତି। ଆଲୋକ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗ୍ମ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ ନିଯୁକ୍ତି ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଲୋକ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ କାର୍ଯ୍ୟ କରୁଥିବା କାରଣରୁ ତାଙ୍କ ଦକ୍ଷତାକୁ ଆଧାରକରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନୂଆ ଦାୟିତ୍ୱ ମିଳିଥିବା କୁହାଯାଉଛି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ମୃତ

**କନ୍ଧମାଳ,୧୫।୧ (ଆଦିତେଶର ମିଶ୍ର)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ପରା ପ୍ରଧାନପାଲି ଛକ ନିକଟରେ ବୁଧବାର ରାତି ୯ଟାରେ ଏକ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଦୁଇ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବଉଳସିଙ୍ଗା ଗ୍ରାମର ଧର୍ମୁ ମହାକୁଡ଼ ଓ ଅନ୍ୟଜଣେ ପରିବନ୍ଧ ଗ୍ରାମର ବୋଲି ଜଣାଯାଇଛି। ପ୍ରକାଶ ଯେ, ପଲସାଗୋରା ବଉଳସିଙ୍ଗା ରାସ୍ତାର ପ୍ରଧାନପାଲି ଛକ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍‌ର ୪ ଜଣ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଗୋଟିଏ ବାଇକ୍‌ରେ ଯାଉଥିବା ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଥିବା ବେଳେ ଅନ୍ୟ ବାଇକ୍‌ର ଦୁଇ ଜଣ ଗୁରୁତର ଅଛନ୍ତି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆହତ ଦ୍ୱୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଆହତ ବ୍ୟକ୍ତିଙ୍କ ଘର ମନମୁଣ୍ଡା ଥାନା ଖଇରମାଲ ଏବଂ ରକ୍ସା ଗ୍ରାମର ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି। ମକର ଯାତ୍ରା ଦେଖିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

# ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲା ଘର

**ବସ୍ତା,୧୫।୧ (ହରିଶଙ୍କର ପାଢ଼ୀ)**

ବାଲେଶ୍ୱର ଜିଲା ବସ୍ତା ଥାନା କୁଡିଆ ପଞ୍ଚାୟତ ପେଗରପଡ଼ା ଗ୍ରାମରେ ବୁଧବାର ରାତି ପ୍ରାୟ ୯ଟା ବେଳେ ଏକ ଦୁର୍ଘଟଣା ଘଟିଛି। ଜୟ ଶଙ୍କର ବେହେରାଙ୍କ ଘରେ ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗିଯିବାରୁ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଘରେ ଥିବା ମା' ସହ ୩ଜଣ ପିଲା ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବସ୍ତା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ରାତି ହୋଇଯାଇଥିବାରୁ କ୍ଷୟକ୍ଷତି ଆକଳନ କରାଯାଇପାରିନାହିଁ।

# ତ୍ୱରାନ୍ୱିତ ହେବ ତାଳଚେର-ବିମଳାଗଡ଼ ରେଳଲାଇନ ପ୍ରକଳ୍ପ

## ବକେୟା କାର୍ଯ୍ୟର ଟେଣ୍ଡର କଲା ରେଳ ମନ୍ତ୍ରଣାଳୟ

**ଭୁବନେଶ୍ୱର,୧୫।୧ (ଅନୁରାଧା ମହାରଣା)**

ବହୁ ପ୍ରତୀକ୍ଷିତ ୧୪୯.୭୮ କି.ମି. ଦୀର୍ଘ ତାଳଚେର-ବିମଳାଗଡ଼ ନୂତନ ବ୍ରଡ୍‌ଗେଜ୍ (ବିଜି) ରେଳ ଲାଇନ୍ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରେଳ ମନ୍ତ୍ରଣାଳୟ ପଦକ୍ଷେପ ନେଇଛି। ପ୍ରକଳ୍ପର ଅବଶିଷ୍ଟ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ମାଟି କାମ, ସେତୁ ନିର୍ମାଣ, ଷ୍ଟେଶନ ସୁବିଧା, ଡ୍ରେନେଜ ସିଷ୍ଟମ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି। ଟେଣ୍ଡରର ଆନୁମାନିକ ମୂଲ୍ୟ ୭୨୬.୧୨୯ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ପ୍ରାୟ ୧୨ ବର୍ଷ ଧରି ବିଳମ୍ବର ସମ୍ମୁଖୀନ ହୋଇଥିବା ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଲାଗି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ପୂର୍ବତଟ ରେଳପଥର ସୂଚନାନୁସାରେ, ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ପ୍ରାରମ୍ଭିକ ଭାବରେ ୨୦୦୩-୦୪ ମସିହାରେ ମଞ୍ଜୁର କରାଯାଇଥିଲା। ଜମି ଅଧିଗ୍ରହଣ ସମସ୍ୟା, ଆଇନଗତ ବାଧା ଏବଂ ଅନ୍ୟାନ୍ୟ ଆହ୍ୱାନ ଯୋଗୁ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପର ମାତ୍ର ୨୬% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତାଳଚେର ଓ ସୁନାଖେଣି ମଧ୍ୟରେ ୨୦ କି.ମି. ରେଳ ଲାଇନ ନିର୍ମାଣ କରାଯାଇଛି। ଏହାସହିତ ଅନୁଗୋଳ ଜିଲାର ଖମାର ଆଡକୁ ରେଳ ସଂଯୋଗକୁ ଆହୁରି ୩୦.୫ କି.ମି. ବିସ୍ତାର କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ଅଂଶ ପାଇଁ ଘରୋଇ ଜମି ଅଧିଗ୍ରହଣ କରାଯାଇଥିବାବେଳେ ଦେବଗଡ଼ ଓ ସୁନ୍ଦରଗଡ଼ ଜିଲାରେ ଅବଶିଷ୍ଟ ଜମି ରାଜ୍ୟ ସରକାର ଯୋଗାଇ ଦେବେ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ଆଶା କରାଯାଉଛି। ଅନ୍ୟପଟେ ଉଭୟ ତାଳଚେର ଓ ବିମଳାଗଡ଼ ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବିମଳାଗଡ଼-ମହୁଲଡିହା ସେକ୍ସନର ନିର୍ମାଣ କାର୍ଯ୍ୟ ପୂର୍ବରୁ ଜାରି ରହିଥିବାବେଳେ ପାଲଲହଡ଼ା ଏବଂ ମହୁଲଡିହା ମଧ୍ୟରେ ଅବଶିଷ୍ଟ ୩୦.୬୨୫ କି.ମି. ରେଳ ମାର୍ଗ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ପୂର୍ବତଟ ରେଳପଥ ଇଞ୍ଜିନିୟରିଂ ଦଳ ସୁନାଖେଣି ଏବଂ ସମଲ ଷ୍ଟେଶନ ମଧ୍ୟରେ ଅବସ୍ଥିତ ୮୪୦ ମିଟର ଲମ୍ବା ସୁଡ଼ଙ୍ଗ ନିର୍ମାଣ ପାଇଁ ଶେଷ ବିସ୍ଫୋରଣ ୨୦୨୧ ମସିହାରେ କରାଯାଇଥିଲା। ଏହି ରେଳ ସଂଯୋଗ ଦ୍ୱାରା ରାଉରକେଲା ଓ ତାଳଚେର ମଧ୍ୟରେ ପ୍ରାୟ ୧୨୬ କି.ମି. ଦୂରତା ହ୍ରାସ ପାଇବ। ଏଥିସହ ଏହି ପ୍ରକଳ୍ପ ରପ୍ତାନି-ଗୁଣବତ୍ତା ଲୁହାପଥରର ଦକ୍ଷ ପରିବହନକୁ ସହଜ କରିବା ସହିତ ଅନୁଗୋଳ, ଦେବଗଡ଼ ଏବଂ ସୁନ୍ଦରଗଡ଼ର ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଆର୍ଥିକ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ରାତି ତାପମାତ୍ରାରେ ବୃଦ୍ଧି

**ଭୁବନେଶ୍ୱର,୧୫।୧ (ଅନୁରାଧା ମହାରଣା)**

ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ କେତେକ ଜିଲାରେ ଗତ କିଛିଦିନ ହେଲା ରାତି ତାପମାତ୍ରାରେ ସାମାନ୍ୟ ବୃଦ୍ଧି ହୋଇଛି। ବୁଧବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡି ଓ ମାଲକାନଗିରିରେ ୩୦.୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୧.୦ ଡିଗ୍ରୀ ରହିଥିଲା। ଅନ୍ୟପଟେ କଟକ, କନ୍ଧମାଳ ଓ ନୟାଗଡ଼ରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଥିଲା। କେନ୍ଦୁଝରଗଡ଼, କଳାହାଣ୍ଡି, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ଖୋର୍ଦ୍ଧା, ଝାରସୁଗୁଡ଼ା ଓ ସମ୍ବଲପୁର ଆଦି ଜିଲାରେ ମଧ୍ୟ ହାଲୁକା କୁହୁଡ଼ି ହୋଇଥିଲା। ତେବେ ଗୁରୁବାର ସୁନ୍ଦରଗଡ଼, ନୟାଗଡ଼, ଖୋର୍ଦ୍ଧା, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲାରେ ଘନକୁହୁଡ଼ି ଆଶଙ୍କା ରହିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାସହିତ ଝାରସୁଗୁଡ଼ା, ସମ୍ବଲପୁର, କଟକ, ପୁରୀ ଓ ଗଞ୍ଜାମ, ଗଜପତି, ସୋନପୁର, ଅନୁଗୋଳ ଓ ଦେବଗଡ଼ରେ ମଧ୍ୟ ହାଲୁକାରୁ ମଧ୍ୟମଧରଣ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ ବୋଲି ସୂଚନା ଦିଆଯାଇଛି।

## ଜାତୀୟ/ଅନ୍ତର୍ଜାତୀୟ ଖବର

# କୋର୍ଟ ପରିସରରେ ମହିଳା, ଦିବ୍ୟାଙ୍ଗ, କିନ୍ନରଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ୍ କର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୫।୧ (ପି.ଟି.)**

ଦେଶର ସମସ୍ତ କୋର୍ଟ ଏବଂ ଟ୍ରିବ୍ୟୁନାଲଗୁଡ଼ିକରେ ମହିଳା, ପୁରୁଷ, ଦିବ୍ୟାଙ୍ଗ ଓ କିନ୍ନରମାନଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ୍ ବ୍ୟବସ୍ଥା କରିବା ପାଇଁ ବୁଧବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତର ଜଣେ ଆଇନଜୀବୀଙ୍କ ପକ୍ଷରୁ ଦାଖଲ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣିକରି ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏହାକୁ ସୁନିଶ୍ଚିତ କରାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଗୁଡ଼ିକର ତତ୍ତ୍ୱାବଧାନରେ ଗଠିତ କମିଟି ଜରିଆରେ ୬ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟ ସମ୍ପାଦନ ହେବ ବୋଲି ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ଭାରତର ପ୍ରଥମ ଘରୋଇ ସାଟେଲାଇଟ୍ ଲଞ୍ଚ୍

**ନୂଆଦିଲ୍ଲୀ,୧୫।୧**

ମହାକାଶ କ୍ଷେତ୍ରରେ କାମ କରୁଥିବା ୨ ଭାରତୀୟ ଷ୍ଟାର୍ଟଅପ୍ 'ପିକ୍ସେଲ' ଏବଂ 'ଦିଗନ୍ତାରା' ବୁଧବାର ପୃଥିବୀ ଓ ଏହାର ପରିକ୍ରମା କରୁଥିବା ବସ୍ତୁଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସ୍ପେସ୍ ଏକ୍ସ'ର ଫାଲକନ-୯ ରକେଟରୁ ସାଟେଲାଇଟ୍ ଲଞ୍ଚ୍ କରିଛନ୍ତି। ଏହାସହ ଭାରତୀୟ ମହାକାଶ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକ ପାଇଁ ଏକ ନୂତନ ଯୁଗ ଆରମ୍ଭ ହୋଇଛି। କାଲିଫର୍ନିଆର ଭାଣ୍ଡେନବର୍ଗ ସ୍ପେସ୍‌ଫୋର୍ସ ବେସ୍‌ଠାରୁ ପିକ୍ସେଲ ପକ୍ଷରୁ ୩ଟି 'ଫାୟାରଫ୍ଲାଏ' ସାଟେଲାଇଟ୍‌କୁ ୫୫୦ କି.ମି. ଦୂର ପୃଥିବୀର ନିମ୍ନ କକ୍ଷକୁ ଉତ୍କ୍ଷେପଣ କରାଯାଇଥିଲା।



ପୁଣେର ଖଡ୍‌କୀରେ ବୁଧବାର ଆୟୋଜିତ ୭୭ତମ ଆର୍ମି ଡେ' ପରେଡ୍ ଅବସରରେ ରୋବୋଟିକ୍ ମୁଲ୍‌ସ ପ୍ରଦର୍ଶନ କରାଯାଉଛି।

# ଭାରତରେ କେତେକ ଫିଚର୍ସ ପ୍ରତ୍ୟାହାର କରିପାରେ ମେଟା

**ନୂଆଦିଲ୍ଲୀ,୧୫।୧**

ଆମେରିକୀୟ ସୋସିଆଲ ମିଡିଆ ଜାଏଣ୍ଟ ମେଟାକୁ ଭାରତରେ ଏହାର କେତେକ ଫିଚର୍ସ ପ୍ରତ୍ୟାହାର କରିବାକୁ ପଡ଼ିପାରେ। ଭାରତ ସରକାରଙ୍କ ଏକ ଆଣ୍ଟିଟ୍ରଷ୍ଟ ଡିରେକ୍ଟିଭ୍ ଅନୁଯାୟୀ ହ୍ୱାଟ୍ସଆପ୍ ମେସେଜିଂ ସର୍ଭିସ୍‌କୁ ପ୍ୟାରେଣ୍ଟ କମ୍ପାନୀ ମେଟା ସହ ବିଜ୍ଞାପନ ଉଦ୍ଦେଶ୍ୟରେ ୟୁଜରଙ୍କ ଡେଟା ଶେୟାର କରିବା ଉପରେ ନିଷିଦ୍ଧ ଘୋଷଣା କରାଯାଇଛି। ଏହାକୁ ନେଇ କ୍ଷୁବ୍ଧ ମେଟା ଉପରୋକ୍ତ ନିଷ୍ପତ୍ତି ନେଇଥିବା ଏକ କୋର୍ଟ ଫାଇଲିଂରେ ଜଣାଇଛି।

୨୦୨୪ ନଭେମ୍ବରରେ କମ୍ପିଟିଶନ୍ କମିଶନ୍ ଅଫ୍ ଇଣ୍ଡିଆ (ସିସିଆଇ) ପକ୍ଷରୁ ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ମେଟା ନିଜ ଆଧିପତ୍ୟର ଦୁରୁପଯୋଗ କରି ହ୍ୱାଟ୍ସଆପ୍ ୟୁଜର୍ସଙ୍କୁ ୨୦୨୧ର ଏକ ପ୍ରିଭେସି ପଲିସି ଆପଣାଇବାକୁ ବାଧ୍ୟ କରିଥିଲା, ଯହିଁରେ ବ୍ୟବହାରକାରୀମାନଙ୍କ ଡେଟା ସଂଗ୍ରହ, ଶେୟାରିଂକୁ ବ୍ୟାପକ କରାଯାଇଥିଲା। ଏଥିଯୋଗୁ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ତୁଳନାରେ ମେଟା ଅଧିକ ଲାଭବାନ ହୋଇଥିଲା। ସିସିଆଇ ଏଥିପାଇଁ ମେଟା ଉପରେ ୨୪.୫ ନିୟୁତ ଡଲାର ଜରିମାନା ଆଦେଶ ଦେବା ସହ ଭାରତରେ ଏହାର ଡେଟା ଶେୟାରିଂ ଉପରେ ୫ ବର୍ଷ କଟକଣା ଜାରି କରିଥିଲା। ଭାରତ ହେଉଛି ବିଶ୍ୱରେ ମେଟାର ସବୁଠୁ ବଡ଼ ବଜାର, ଯେଉଁଠି ଏହାର ୩୫୦ ନିୟୁତରୁ ଊର୍ଦ୍ଧ୍ୱ ଫେସ୍‌ବୁକ୍ ୟୁଜର ରହିଛନ୍ତି। ସେହିପରି ୫୦୦ ନିୟୁତରୁ ଅଧିକ ଭାରତୀୟ ହ୍ୱାଟ୍ସଆପ୍ ବ୍ୟବହାର କରିଥାନ୍ତି।



ମେଟା ପଲିସିରେ ଏଭଳି ପରିବର୍ତ୍ତନକୁ ବିରୋଧ କରି ସିସିଆଇ ନିର୍ଦ୍ଦେଶନାମା ସହ ଅସହମତି ପ୍ରକାଶ କରିଥିଲା। ଏପରି କି ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କମ୍ପାନୀର କହିବା ହେଲା, ହ୍ୱାଟ୍ସଆପ୍ ଉପରେ ହ୍ୱାଟ୍ସଆପ୍-ରୁ-ମେଟା ୟୁଜର ଡେଟା ଶେୟାରିଂ ଉପରେ ଜାରି କଟକଣା ୟୁଜରମାନଙ୍କୁ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ପର୍ସନାଲାଇଜ୍‌ଡ ଆଡ୍ସ ଅଫର କରିବା ନେଇ ସାମର୍ଥ୍ୟକୁ ହ୍ରାସ କରିବ। ଗତ ୩ ତାରିଖରେ ପ୍ରାୟ ୨,୦୦୦ ପୃଷ୍ଠା ସମ୍ବଳିତ ଏକ ଟ୍ରିବ୍ୟୁନାଲରେ ଦାଖଲ କରାଯାଇଥିବା ଆବେଦନରେ ମେଟା ପକ୍ଷରୁ ଏଭଳି ଯୁକ୍ତି ଦର୍ଶାଯାଇଥିବା ରଏଟର୍ସ ରିପୋର୍ଟ କରିଛି।

ହ୍ୱାଟ୍ସଆପ୍ କହିଛି, ଏହି ମେସେଜିଂ ଆପ୍ ମେଟା ସହ ୟୁଜର୍ସଙ୍କ ଫୋନ୍ ନମ୍ବର, କାରବାର ସମ୍ପର୍କିତ ତଥ୍ୟ, ବ୍ୟବସାୟିକ ସଂସ୍ଥାଗୁଡ଼ିକ ସହ ଭାବର ଆଦାନପ୍ରଦାନ ଏବଂ ମୋବାଇଲ୍ ଡିଭାଇସ୍ ଇନ୍‌ଫର୍ମେଶନ୍ ଶେୟାର କରିଥାଏ। ସେହିପରି ସିସିଆଇର ରୁଲିଂ ଯୋଗୁ ପଡୁଥିବା ପ୍ରଭାବ ସମ୍ପର୍କରେ ମେଟା ପ୍ରଥମ ଥର ପାଇଁ ବିସ୍ତୃତ ଭାବେ ଉକ୍ତ ଫାଇଲିଂରେ ଉଲ୍ଲେଖ କରିଛି। ଏଥିରେ ମେଟା କହିଛି ଯେ, ପୂର୍ବରୁ ଜଣେ ହ୍ୱାଟ୍ସଆପ୍ ୟୁଜରଙ୍କ ଯୋଗାଯୋଗକୁ ଭିତ୍ତିକରି ଏକ ନିର୍ଦ୍ଦିଷ୍ଟ ପୋଷାକ ସମ୍ପର୍କିତ ଆଡ୍‌କୁ ପର୍ସନାଲାଇଜ୍‌ଡ କରାଯାଇପାରୁଥିଲା। ଡେଟା ଶେୟାରିଂ ବ୍ୟାନ୍ ଯୋଗୁ ଭାରତୀୟ ଫ୍ୟାଶନ୍ ବ୍ୟବସାୟ ଫେସ୍‌ବୁକ୍ କିମ୍ବା ଇନ୍‌ଷ୍ଟାଗ୍ରାମ୍‌ରେ ବିଜ୍ଞାପନଗୁଡ଼ିକୁ ନିଜ ସୁବିଧା ଅନୁସାରେ ପର୍ସନାଲାଇଜ୍‌ଡ କରିପାରିବ ନାହିଁ। ତେଣୁ ମେଟାକୁ ଭାରତରେ ଏହାର ଅନେକ ଫିଚର୍ସ ଓ ପ୍ରଡକ୍ଟକୁ ପ୍ରତ୍ୟାହାର କରିବାକୁ ପଡ଼ିପାରେ ବୋଲି କମ୍ପାନୀ କହିଛି। ଏହାର ପ୍ରଭାବରେ ଉଭୟ ୟୁଜର୍ସ ଓ କମ୍ପାନୀର କ୍ଷତି ହୋଇପାରେ ବୋଲି ମନେକରାଯାଉଛି। ସେହିପରି ସିସିଆଇ ଏଭଳି ନିର୍ଦ୍ଦେଶ ଦେବା ପୂର୍ବରୁ ମେଟା ଓ ହ୍ୱାଟ୍ସଆପ୍ ସହ ପରାମର୍ଶ କରିବା ଉଚିତ ଥିଲା, ଯାହାକି କରାଯାଇ ନାହିଁ ବୋଲି ଦର୍ଶାଇବା ସହିତ କମ୍ପାନୀ ସିସିଆଇର କାର୍ଯ୍ୟପ୍ରଣାଳୀ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି।

ଉଲ୍ଲେଖଯୋଗ୍ୟ, ଫେସ୍‌ବୁକ୍ ଇଣ୍ଡିଆ ଅନ୍‌ଲାଇନ୍ ସର୍ଭିସେସ୍ ୨୦୨୩-୨୪ରେ ଭାରତରୁ ୩୫୧ ନିୟୁତ ଡଲାର ରାଜସ୍ୱ ଲାଭ କରିଥିଲା, ଯାହାକି ଗତ ୫ ବର୍ଷରେ ସର୍ବାଧିକ। ମେଟାର ଅପିଲ୍ ଉପରେ ଟ୍ରିବ୍ୟୁନାଲ ଗୁରୁବାର ଶୁଣାଣି କରିବେ। ଏହି ମାମଲାର ଫଇସଲା ଅନେକ ସପ୍ତାହ କିମ୍ବା ମାସ ଲାଗିପାରେ। କିନ୍ତୁ ସେତେବେଳ ଯାଏ ଟ୍ରିବ୍ୟୁନାଲ ସିସିଆଇ ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ଜାରି କରିପାରନ୍ତି।

# ୟୁନ୍ ସୁକ୍ ୟେଓଲ ଗିରଫ

**ସିଓଲ, ୧୫।୧**



ବିରୋଧୀଙ୍କ ମହାଭିଯୋଗ ପ୍ରସ୍ତାବର ସମ୍ମୁଖୀନ ହୋଇ ଗାଦିଚ୍ୟୁତ ହୋଇଥିବା ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲଙ୍କୁ ବୁଧବାର ଦେଶର ଆଇନ ଶୃଙ୍ଖଳା ଅଧିକାରୀ ଗିରଫ କରିଛନ୍ତି। ଭ୍ରଷ୍ଟାଚାର, କ୍ଷମତାର ଅପ ବ୍ୟବହାର ଆଦି ଅଭିଯୋଗରେ ୟୁନ୍‌ଙ୍କୁ ଗିରଫ କରାଯାଇଛି। କ୍ଷମତାର ଦୁରୁପଯୋଗ କରି ୟୁନ୍ ଦକ୍ଷିଣ କୋରିଆରେ ସାମରିକ ଆଇନ ଲାଗୁ କରିବା ପାଇଁ ଚେଷ୍ଟା କରିଥିଲେ ବୋଲି ତାଙ୍କ ବିରୋଧରେ ଅଭିଯୋଗ ରହିଛି। ବୁଧବାର ୟୁନ୍‌ଙ୍କୁ ଗିରଫ କରିବା ପାଇଁ ତାଙ୍କ ବାସଭବନ ସମ୍ମୁଖରେ ୩୨୦୦ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା।

# ୩ ଯୁଦ୍ଧଜାହାଜର ଜଳାବତରଣ

## ଭାରତ ବୃହତ୍ ସାମୁଦ୍ରିକ ମହାଶକ୍ତି ହେବାକୁ ଯାଉଛି: ମୋଦି




**ମୁମ୍ବାଇ,୧୫।୧**

ଭାରତୀୟ ନୌସେନାରେ ବୁଧବାର ଆଇଏନ୍‌ଏସ୍ ସୁରଟ, ଆଇଏନ୍‌ଏସ୍ ନୀଳଗିରି ଏବଂ ଆଇଏନ୍‌ଏସ୍ ବାଘଶିର ଯୁଦ୍ଧଜାହାଜକୁ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁମ୍ବାଇର ନାଭାଲ ଡକ୍‌ୟାର୍ଡରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ୩ ଯୁଦ୍ଧଜାହାଜର ଜଳାବତରଣ ଉତ୍ସବରେ ଯୋଗଦେଇ କହିଛନ୍ତି, ଏକ ବିଧ୍ୱଂସକ, ଫ୍ରିଗେଟ୍ ଏବଂ ସବ୍‌ମେରାଇନ୍ ଏକାଥରକେ ନୌସେନାରେ ସାମିଲ ହୋଇଛି। ପ୍ରତିରକ୍ଷା ବିନିର୍ମାଣ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ବଢ଼ିବାରେ ଲାଗିଛି। ଭାରତ ବୈଶ୍ୱିକ ପ୍ରତିରକ୍ଷା କ୍ଷେତ୍ରରେ ନିଜ ଭୂମିକାକୁ ପରିବର୍ଦ୍ଧିତ କରୁଛି। ଏବେ ଶତାଧିକ ରାଷ୍ଟ୍ରକୁ ଭାରତରୁ ସାମରିକ ଉପକରଣ ରପ୍ତାନି କରାଯାଉଛି। ଗତ ୧୦ ବର୍ଷ ମଧ୍ୟରେ ୩୩ ଜାହାଜ ଓ ୭ ସବ୍‌ମେରାଇନ୍ ଭାରତୀୟ ନୌସେନାରେ ସାମିଲହେବା ଏହାର ପ୍ରମାଣ ଦେଉଛି ବୋଲି ସେ କହିଛନ୍ତି।

**ଓଲଟିଲା ପରିବା ବୋଝେଇ ଭ୍ୟାନ୍**

ବାରଙ୍ଗ,(ଲିଙ୍ଗରାଜ ରାଉତ): ପୁରୀ ମୁଖ୍ୟ କେନାଲ ବନ୍ଧରେ ବୁଧବାର ଭୋର ସମୟରେ ଏକ ବାଇଗଣ ବୋଝେଇ ପିକ୍ଅପ ଭ୍ୟାନ୍ ଓଲଟିପଡ଼ିଛି। ଖବରପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ କେନାଲ ବନ୍ଧରୁ ଉଠାଇ ଜବତ କରିଛନ୍ତି। ପ୍ରକାଶ ଯେ, ବୁଧବାର ଭୋର ସମୟରେ ରେଢ଼ାଖୋଲରୁ ଭୁବନେଶ୍ୱର ଏକ ନମ୍ବର ହାଟକୁ ବାଇଗଣ ନେଇ ଦ୍ରୁତଗତିରେ ପିକ୍ଅପ ଭ୍ୟାନ୍ଟି ଆସୁଥିଲା। ଷଣ୍ଢପୁର ଗ୍ରାମ ମୁଣ୍ଡ ପୁରୀ ମୁଖ୍ୟ କେନାଲରାସ୍ତାରେ ଗାଈଗୋରୁ ଶୋଇଥିଲେ। ଅନ୍ୟପଟେ କୁହୁଡ଼ି ପଡ଼ିଥିବାରୁ ଚାଳକ ଜଣଙ୍କ ଗାଈକୁ ଧକ୍କା ଦେଇ ଭାରସାମ୍ୟ ହରାଇ କେନାଲକୁ ଓଲଟି ପଡ଼ିଥିଲେ।

## ସଂକ୍ଷେପରେ

### ହ୍ୱାଟ୍ସଆପ୍ ଚାର୍ଟବୋଟରେ ଟିକସ ପଇଠ ସୁବିଧା

**ଇଣ୍ଡସଇଣ୍ଡ୍ ବ୍ୟାଙ୍କ ସହ ବିଏମ୍‌ସିର ଏମ୍ଓୟୁ ସ୍ୱାକ୍ଷରିତ**

ଭୁବନେଶ୍ୱର, ୧୫।୧(ବନ୍ଦନା ସେଠୀ)

ସହରବାସୀଙ୍କୁ ହାତପାଆନ୍ତାରେ ସମସ୍ତ ସୁବିଧା ଯୋଗାଇଦେବାକୁ ବିଏମ୍‌ସି ନୂତନ ପଦ୍ଧତି ଆପଣେଇବ। ମୋବାଇଲ ହ୍ୱାଟ୍ସଆପ୍ ଚାର୍ଟବୋଟ ଜରିଆରେ ଏଣିକି ନାଗରିକମାନେ ହୋଲ୍ଡିଂ ଟିକସ ସମେତ ଘରଭଡା, ଦୋକାନ ଘରଭଡା ଆଦି ସମସ୍ତ ଟିକସ ପୈଠ କରିବା ସହ ବିଭିନ୍ନ ସମସ୍ୟା ଉପସ୍ଥାପନ କରିପାରିବେ। ଏଥିପାଇଁ ବୁଧବାର ବିଏମ୍‌ସି ଇଣ୍ଡସ୍ଇଣ୍ଡ ବ୍ୟାଙ୍କ ଏବଂ ପିଲୋକାଲ୍ ଫିନ୍‌ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ସହ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ହ୍ୱାଟ୍ସ୍ଆପ ଚାର୍ଟବୋଟ ଦ୍ୱାରା ପ୍ରସ୍ତୁତ ଏହି ସଫ୍ଟୱେରରେ ନାଗରିକମାନେ ନିଜ ଘର କିମ୍ବା ଦୋକାନର ହୋଲ୍ଡିଂ ନମ୍ବର ଲେଖିଲେ ଆପେ ସମସ୍ତ ତଥ୍ୟ ବାହାରିପଡିବ। ଏପରିକି କେବେଠାରୁ ଟିକସ ଦେଇନାହାନ୍ତି, କେତେ ବକେୟା ରହିଛି ଏବଂ କାହା ପାଖକୁ ଟିକସ ପଠାଇବାକୁ ପଡ଼ିବ ତାହା ଛାଏଁ ଆସିଯିବ। ତେଣୁ ଲୋକଙ୍କୁ ଆଉ ବାରମ୍ବାର ୱାର୍ଡ ଅଫିସ କିମ୍ବା ବିଏମ୍‌ସି ମୁଖ୍ୟାଳୟକୁ ଦୌଡ଼ିବାକୁ ପଡିବ ନାହିଁ। ସେହିପରି ଭେଣ୍ଡିଂଜୋନ୍, ମାର୍କେଟ କମ୍ପ୍ଲେକ୍ସ, ମାର୍କେଟ ଆଦି ପରିଚାଳନା ଓ ଟିକସ ବା ଭଡା ଆଦାୟ ପାଇଁ ଏମର୍‌ଟେକ୍ ଆର୍‌ଏନ୍‌ଡି ସଲ୍ୟୁଶନ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏକ ସଫ୍ଟୱେର ପ୍ରସ୍ତୁତ କରାଯାଉଛି। ଏହା ସେହି ହ୍ୱାଟ୍ସଆପ୍ ଚାର୍ଟବୋଟରେ ରହିବ। ବିଏମ୍‌ସି ଏକାମ୍ର ହଲ୍‌ରେ ଆୟୋଜିତ ଏ ସଂକ୍ରାନ୍ତ କାର୍ଯ୍ୟକ୍ରମରେ ସମସ୍ତ କର୍ପୋରେଟରଙ୍କ ସହ ମେୟର, କମିଶନର, ଅତିରିକ୍ତ କମିଶନର, ଇଣ୍ଡସ୍ଇଣ୍ଡ୍ ବ୍ୟାଙ୍କର ରାଜ୍ୟ ମୁଖ୍ୟ ଅରୂପ ମହାପାତ୍ର, ଆଞ୍ଚଳିକ ମୁଖ୍ୟ ପ୍ରଶାନ୍ତ ଗୌଡ଼, ଏମର୍‌ଟେକ୍ ସଲ୍ୟୁଶନର ମୁଖ୍ୟ ସନ୍ତୋଷ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅକ୍ଟୋବରରେ 'ଧ୍ୱନି' ଫିଲ୍ମ ଫେଷ୍ଟ

**ପୋଷ୍ଟର ଉନ୍ମୋଚିତ**

ଭୁବନେଶ୍ୱର,୧୫।୧ (ସୌମ୍ୟରଞ୍ଜନ ରାଉତ)

ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଚଳଚ୍ଚିତ୍ର ଉତ୍ସବ 'ଧ୍ୱନି' ଅକ୍ଟୋବର ୧୪ରୁ ଆରମ୍ଭ ହେବ। ଏନେଇ ବୁଧବାର ସାମାଜିକ ଅନୁଷ୍ଠାନ 'ଆଇନା' ପକ୍ଷରୁ ସ୍ଥାନୀୟ ଏକ ହୋଟେଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଦୁଇଦିନଧରି ହେବାକୁ ଥିବା ଏହି ଉତ୍ସବରେ ଦିବ୍ୟାଙ୍ଗ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଏଥିରେ ସେମାନଙ୍କ ଅନ୍ତର୍ଭୁକ୍ତି ଓ ସଶକ୍ତୀକରଣ ସହିତ ଆହ୍ୱାନ ଏବଂ ବିଜୟ ସମ୍ପର୍କରେ ପ୍ରଦର୍ଶିତ ହେବ। ଚଳିତବର୍ଷ 'ଧ୍ୱନି' ଦଶମ ସଂସ୍କରଣ ଦିବ୍ୟାଙ୍ଗଙ୍କ ପରୀକ୍ଷା ଏବଂ କ୍ଲେଶ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ସେମାନଙ୍କ ଆକାଂକ୍ଷା ଓ ସଫଳତା କାହାଣୀ ପ୍ରଦର୍ଶନ କରିବାକୁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଏହି ଉତ୍ସବର ଲକ୍ଷ୍ୟ ବୋଲି ଦିବ୍ୟାଙ୍ଗ ଅଭିନେତା ଜିତେନ୍ଦ୍ର ବିଶ୍ୱାଳ କହିଛନ୍ତି। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ଧ୍ୱନୀ' ପୋଷ୍ଟର ଉନ୍ମୋଚନ ହୋଇଥିଲା। ଆଇନାର ସମ୍ପାଦିକା ସ୍ନେହ ମିଶ୍ର, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଲୀପ ବିଶ୍ୱାଳ ଉପସ୍ଥିତ ଥିଲେ। ବସନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବାରଙ୍ଗ,୧୫।୧(ଲିଙ୍ଗରାଜ ରାଉତ)

ରଘୁନାଥପୁର ଗ୍ରାମର ଧର୍ମପରାୟଣା ମହିଳା ହରଷମଣି ନାୟକ (୧୦୨)ଙ୍କ ପରଲୋକ ଘଟିଛି। ସ୍ୱର୍ଗତା ନାୟକ ଏକାଧାରରେ ଜଣେ ପରୋପକାରୀ, ସ୍ନେହୀ ଓ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ରମାକାନ୍ତ ନାୟକ, ସାନପୁଅ ଉମାକାନ୍ତ ନାୟକ, ବଡ଼ନାତି ତଥା ଖବରଦାତା କମଳାକାନ୍ତ ନାୟକ, ନାତି ଶଶିକାନ୍ତ ନାୟକ, ମଳୟ ରଞ୍ଜନ ନାୟକଙ୍କ ସମେତ ଆତ୍ମୀୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଥିଲା

# ବିଏମ୍‌ସି ବୈଠକରେ ଫଳକ ରାଜନୀତି ତାତି

## କଳା ବୋଳା ନେଇ ଏତଲା ଦେବାକୁ ନିଷ୍ପତ୍ତି

ଭୁବନେଶ୍ୱର,୧୫।୧(ବନ୍ଦନା ସେଠୀ)



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୨୭ତମ ମାସିକିଆ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହେବା ପରେ ଗୃହୀତ ହୋଇଥିଲା। ତେବେ ଗତ କିଛିଦିନ ତଳେ ୱାର୍ଡ ନଂ. ୩୭ ଅନ୍ତର୍ଗତ ନୟାପଲ୍ଲୀ ଅଞ୍ଚଳରେ ସୁଲଭ ଶୌଚାଳୟ ଉଦ୍‌ଘାଟନ ସମୟରେ ଫଳକରେ ନାମଲେଖାକୁ ନେଇ ହୋଇଥିବା ରାଜନୀତିର ତାତି ବୈଠକରେ ଦେଖିବାକୁ ମିଳିଥିଲା। ଘଟଣାକୁ କେନ୍ଦ୍ର କରି ବିଜେଡି କର୍ପୋରେଟରମାନେ ସମ୍ପୃକ୍ତ ୱାର୍ଡର କର୍ପୋରେଟର ବନ୍ଦିତା ପାଲ୍‌ଙ୍କୁ ଘେରିଥିଲେ।

ବୈଠକ ଆରମ୍ଭରୁ ଫଳକ ରାଜନୀତିକୁ ନେଇ ଗୃହ ସରଗରମ ହୋଇଉଠିଥିଲା। କିଏ ଓ କାହିଁକି ମଧ୍ୟ ବିଧାୟକଙ୍କ ନାମରେ କଳା ବୋଳିଲା ବୋଲି ବିଜେଡି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ମେୟର ଏହାକୁ ସମର୍ଥନ କରିବା ସହ ଫଳକରେ କିଏ କଳା ବୋଳିଲା ତାହାର ତଦନ୍ତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଥାନାରେ ଏତଲା ଦିଆଯିବ ବୋଲି ସ୍ଥିର ହୋଇଥିଲା। ଘଟଣାକୁ ନେଇ ସ୍ଥାନୀୟ କର୍ପୋରେଟରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେୟର କହିଥିଲେ। ଏପରିକି ସ୍ଥାନୀୟ ଭାଜପା ନେତା ଜଗନ୍ନାଥ ପ୍ରଧାନ ଏବଂ ଏମ୍‌ପିଙ୍କ ନାମରେ କଳା ବୋଳିବୁ ବୋଲି କେତେଜଣ ବିଜେଡି କର୍ପୋରେଟର କହିଥିଲେ। ତେବେ ସ୍ଥାନୀୟ ଲୋକ ଏଭଳି କରିଥିବାବେଳେ, କର୍ପୋରେଟରଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନ୍ଦିତା ପ୍ରଶ୍ନ କରିଥିଲେ। ଏହାକୁ ଅନ୍ୟ ଭାଜପା କର୍ପୋରେଟରମାନେ ସମର୍ଥନ କରିଥିଲେ। ଧୀରେଧୀରେ ତୁ ତୁ ମେଁ ମେଁ ହେବା ସହ ବିବାଦ ବଢିଥିଲା। ଏହି ସମୟରେ ବନ୍ଦିତା ବୁନୁ ଜେନା ହାଏ ହାଏ ବୋଲି କହିଥିଲେ, ଯାହାକୁ ବିଜେଡି କର୍ପୋରେଟରମାନେ ବିରୋଧ କରିଥିଲେ। ଗୃହରେ ଜଣେ କର୍ପୋରେଟର ବିଧାୟକଙ୍କୁ ଏଭଳି ଅପମାନିତ କରିଥିବାରୁ ଭୁଲ୍ ମାଗନ୍ତୁ ବୋଲି ଦାବି କରିଥିଲେ। ଏହାର ପ୍ରତି ଉତ୍ତରରେ ଶୌଚାଳୟ ଉଦ୍‌ଘାଟନ ସମୟରେ ମେୟର ତାଙ୍କୁ ଯେଉଁଭଳି ବ୍ୟବହାର କରିଥିଲେ, ସେଥିପାଇଁ ସର୍ବସମ୍ମୁଖରେ କ୍ଷମା ମାଗିବାକୁ ବନ୍ଦିତା ଜିଦ୍ ଧରିଥିଲେ। ତେବେ ସର୍ବସମ୍ମତି କ୍ରମେ ବୈଠକ ଗୃହରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା।

### ମଲା କୁକୁର ଉଠାଇବ ସ୍ୱତନ୍ତ୍ର ଗାଡ଼ି, ମଶା ମାରିବାକୁ ଦାବି

ସହରରେ କୁକୁରଙ୍କ ସଂଖ୍ୟା ବଢ଼ି ଚାଲିଥିବାବଳେ ମୃତ କୁକୁର ଏଣେତେଣେ ପଡି ରହୁଛନ୍ତି। ମୃତ କୁକୁରଙ୍କୁ ଉଠାଇବା ପାଇଁ ବିଏମ୍‌ସି ପ୍ରତି ଜୋନ୍‌ରେ ଗୋଟିଏ ଲେଖାଏ ଗାଡ଼ି ପ୍ରଦାନ କରିବ ବୋଲି ସ୍ଥିର ହୋଇଛି। ଅନ୍ୟପକ୍ଷରେ ଚଳିତବର୍ଷ ସହରରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିବାବେଳେ ଏଥିପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ବୈଠକରେ କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୁଣି ଉଠିଲା ଭେହିକିଲ୍ ଟେଣ୍ଡର ଦୁର୍ନୀତି ଝଡ଼

ବୈଠକରେ ପୁଣିଥରେ ଭେହିକିଲ୍ ଟେଣ୍ଡର ଦୁର୍ନୀତି ଝଡ଼ ଉଠିଥିଲା। ତ୍ରୁଟିପୂର୍ଣ୍ଣ ଟେଣ୍ଡରକୁ ନେଇ କର୍ପୋରେଟର ନୃପେଶ ନାୟକ ପ୍ରଶ୍ନ ଉଠାଇଥିଲେ। ୧୫ଦିନ ମଧ୍ୟରେ ଅନ୍ତରୀଣ ତଦନ୍ତ କରି ରିପୋର୍ଟ ଦେବାକୁ ସ୍ଥିର ହୋଇଥିବାବେଳେ ଇତି ମଧ୍ୟରେ ୨ମାସରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି। ମାତ୍ର ବିଏମ୍‌ସି କେବଳ ତାରିଖ ପରେ ତାରିଖ ଘୋଷଣା କରୁଛି। ତୁରନ୍ତ ଏହାକୁ ବାତିଲ କରିବା ପାଇଁ ନୃପେଶ ଦାବି କରିଥିବାବେଳେ ଅନ୍ୟ କର୍ପୋରେଟରମାନେ ଏହାକୁ ସମର୍ଥନ କରିଥିଲେ। ଫଳରେ ପୁନର୍ବାର ଏକ ତଦନ୍ତ କମିଟି ଗଠନ କରି ଏନେଇ ନିଷ୍ପତ୍ତି ନିଆଯିବ ବୋଲି ମେୟର କହିଥିଲେ। କମିଟିରେ ମେୟର, କମିଶନର, ଅତିରିକ୍ତ କମିଶନରଙ୍କ ସମେତ ପ୍ରାୟ ୩ଜଣ କର୍ପୋରେଟର ରହିବେ ବୋଲି ସ୍ଥିର ହୋଇଛି।

### ସ୍ଥାନୀୟ ୱାର୍ଡରେ ଥଇଥାନ ହେବେ ଉଠାଦୋକାନୀ

ହୋହଲ୍ଲା ଭିତରେ କେତେକ ପ୍ରସ୍ତାବ ଗୃହୀତ ହୋଇଥିଲା। ବିଏମ୍‌ସି ପକ୍ଷରୁ ନୂତନ ଭାବେ ୭ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯିବ। ଏମାନେ ରାସ୍ତାଘାଟ ଭେଣ୍ଡିଂ ନିୟନ୍ତ୍ରଣ, ଜବରଦଖଲ ଉଚ୍ଛେଦ, ତଦାରଖ, ବାଣିଜ୍ୟ ଲାଇସେନ୍ସ, ସଚେତନତା ଅଭିଯାନ ଆଦି ଉପରେ କାର୍ଯ୍ୟ କରିବେ। ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ରାସ୍ତାରୁ ହଟାଯାଇଥିବା ଉଠାଦୋକାନୀଙ୍କୁ ସେହି ୱାର୍ଡରେ ବ୍ୟବସାୟ କରିବା ପାଇଁ ବ୍ୟବସ୍ଥା କରାଯିବ। ଏଥିପାଇଁ ପ୍ରତି ୱାର୍ଡରେ ସମ୍ପୃକ୍ତ କର୍ପୋରେଟର ଜମି ଚିହ୍ନଟ କରିବେ। ତେବେ କୌଣସି ଉଠାଦୋକାନୀ ଜୋର୍ ଜବରଦସ୍ତ ରାସ୍ତାକୁ ମଡାଇ ଦୋକାନ କଲେ ତୁରନ୍ତ ଉଚ୍ଛେଦ କରାଯିବ। ଯେଉଁମାନେ ପୂର୍ବରୁ ଦୋକାନ କରିଥିଲେ, କେବଳ ସେହିମାନଙ୍କୁ ଥଇଥାନ କରାଯିବ। ସେହିପରି ୱାର୍ଡ ଅଫିସର ଓ ସାନିଟାରି ଇନ୍ସପେକ୍ଟରମାନଙ୍କୁ ପ୍ରତି ୨ବର୍ଷରେ ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡକୁ ବଦଳି କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ବିଏମ୍‌ସିରୁ ବିଦା ହେଲେ ଅଶୋକ ଲେଙ୍କା

ଭୁବନେଶ୍ୱର, ୧୫।୧(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଡେପୁଟି କମିଶନର ଅଶୋକ ଲେଙ୍କାଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି)କୁ ବଦଳି କରାଯାଇଛି। ଏନେଇ ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଶୋକ ବିଏମ୍‌ସିରେ ଭେହିକିଲ୍ ବିଭାଗର ଡେପୁଟି କମିଶନର ଭାବେ ଦାୟିତ୍ୱ ତୁଲାଉଥିଲେ। ତେବେ ଗତ କିଛିଦିନ ତଳେ ତାଙ୍କ ହାତରୁ ଭେହିକିଲ୍ ବିଭାଗ କାଢି ନିଆଯାଇଥିବାବେଳେ ଏବେ ତାଙ୍କୁ ବିଏମ୍‌ସିରୁ ବିଦା କରାଯିବା ଘଟଣାକୁ ନେଇ ନାନା ଚର୍ଚ୍ଚା ଚାଲିଛି।

ଅଶୋକ ଭେହିକିଲ୍ ବିଭାଗ ଦାୟିତ୍ୱରେ ଥିବାବେଳେ ୨୦୨୪ ଅକ୍ଟୋବରରେ ବିଏମ୍‌ସିରେ ଉଭୟ ବଡ ଓ ଛୋଟ ଗାଡ଼ି ଲଗାଇବା ପାଇଁ ଏକକ ଟେଣ୍ଡର ଡାକିଥିଲେ। ତେବେ ସେ ଜାଣିଶୁଣି ଏକ ଘରୋଇ କମ୍ପାନୀକୁ ଅନୁକମ୍ପା ଦେଖାଇ ଟେଣ୍ଡର ଦେଇଥିବା ବିଏମ୍‌ସି ଭେହିକିଲ୍ ଆସୋସିଏଶନ ଅଭିଯୋଗ ଆଣିଥିଲା। ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ବିଏମ୍‌ସିର ମାସିକିଆ ବୈଠକରେ କର୍ପୋରେଟରମାନେ ଟେଣ୍ଡର ଦୁର୍ନୀତି ଅଭିଯୋଗ ଆଣି ହଙ୍ଗାମା କରିବା ସହ ଟେଣ୍ଡର ବାତିଲ ପାଇଁ ଦାବି କରିଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟକୁ ୧୦ ପୁରସ୍କାର




**ପୂର୍ବାଞ୍ଚଳ ଯୁବ ସମାରୋହ**

ଭୁବନେଶ୍ୱର,୧୫।୧(ସୌମ୍ୟରଞ୍ଜନ ରାଉତ)

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ପକ୍ଷରୁ କୋଲକାତାର ସିଷ୍ଟର୍ ନିବେଦିତା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ଆନ୍ତଃ ବିଶ୍ୱବିଦ୍ୟାଳୟ ପୂର୍ବାଞ୍ଚଳ ଯୁବ ସମାରୋହରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଛନ୍ତି। ଏଥିରେ ୬ଟି ରାଜ୍ୟର ୧୮ ବିଶ୍ୱବିଦ୍ୟାଳୟକୁ ନେଇ ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ତେବେ ବୃନ୍ଦଗାନ, ଏକକ ତବଲା ବାଦନ, ଏକକ ବଂଶୀବାଦନ, ଲୋକ ସଙ୍ଗୀତ, ଲୋକନୃତ୍ୟ, ପୋଷ୍ଟର ତିଆରି, ମୃତ୍ତିକା କଳା, ରଙ୍ଗୋଲୀ, ଏକକ ଅଭିନୟ ଓ ଅନୁକରଣ ଅଭିନୟ ପ୍ରତିଯୋଗିତାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିବା ସହ ପୁରସ୍କୃତ ହୋଇଛନ୍ତି। ସହକାରୀ ପ୍ରଫେସର ଡ. ସାରଦା ପ୍ରସନ୍ନ ଦାସ ଓ ଡ. ସସ୍ମିତା କାମିଲାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଆସନ୍ତା ମାର୍ଚ୍ଚରେ ନୂଆଦିଲୀରେ ହେବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ଭୁବନେଶ୍ୱର,୧୫।୧(ସୌମ୍ୟରଞ୍ଜନ ରାଉତ)

ଚିତ୍ରଶିଳ୍ପୀ ସବିତା ଦାସ, ଦେବକୀ ଭୁକ୍ତା ଓ ସୌମ୍ୟଲଗ୍ନା ସ୍ୱାଇଁଙ୍କର ସମୂହ ଚିତ୍ରକଳା ପ୍ରଦର୍ଶନୀ ଜୟଦେବ ଭବନଠାରେ ବୁଧବାର ଆରମ୍ଭ ହୋଇଛି। ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ଚିତ୍ରକଳା ପ୍ରଦର୍ଶନୀରେ ୧୦୦ରୁ ଉର୍ଦ୍ଧ୍ୱ ଚିତ୍ର ପ୍ରଦର୍ଶିତ ହୋଇଛି। ସମ୍ମାନିତ ଅତିଥି ଭାବେ ବି. କେ. ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ, ବିଭୂତି କାନୁନ୍‌ଗୋ, ପ୍ରଖ୍ୟାତ ଚିତ୍ରଶିଳ୍ପୀ ମାନସ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ।

### କଂଗ୍ରେସ ନେତାଙ୍କ ଶ୍ରାଦ୍ଧବାର୍ଷିକୀ

ତ୍ରିଶୂଳିଆ,୧୫।୧(ତୁଷାରକାନ୍ତ ବେହେରା)

ବାରଙ୍ଗ ପଞ୍ଚାୟତ ସମିତିର ପ୍ରଥମ ଅଧ୍ୟକ୍ଷ, ପୁରୁଖା କଂଗ୍ରେସ ନେତା ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୁଧବାର ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଦସ୍ୟ ତୁଷାରକାନ୍ତି ଚକ୍ରବର୍ତ୍ତୀ ଓ ଆଶିଷ କୁମାର ସାହୁ, ସରପଞ୍ଚ ସଞ୍ଜୟ ପାଣି, ବରିଷ୍ଠ ଖବରଦାତା ଡ. ସତ୍ୟ ରାୟ, ବିଶିଷ୍ଟ ରେଲୱେ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ଯୁବ ନେତା ନଳିନୀ କୁମାର ରାୟ, ଅଶ୍ୱିନୀ ସାହୁ, ଇଂ. ଦେବାଶିଷ ସାହୁ, ସୁରଞ୍ଜିକା ରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ନନ୍ଦନକାନନ ଜଗନ୍ନାଥ ମନ୍ଦିରରେ ଅନ୍ନପ୍ରସାଦ ସେବା ଆରମ୍ଭ

ତ୍ରିଶୂଳିଆ,୧୫।୧(ତୁଷାରକାନ୍ତ ବେହେରା)

ନନ୍ଦନକାନନ ଛକସ୍ଥିତ ଜଗନ୍ନାଥ ମନ୍ଦିରରେ ବୁଧବାରଠାରୁ ଅନ୍ନପ୍ରସାଦ ସେବା ଆରମ୍ଭ ହୋଇଛି। ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ପ୍ରସାଦ ସେବନ ସେବାର ଶୁଭାରମ୍ଭ କରିଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପାତ୍ର, ରବୀନ୍ଦ୍ର ପାତ୍ର, ରଘୁନାଥପୁର ଗ୍ରାମ ସଭାପତି ନବଘନ ପାତ୍ର, ବାବାଜୀ ପ୍ରଧାନ, ସରପଞ୍ଚ ଖୁଲଣା ମାଝୀଙ୍କ ସମେତ ସବୁଗ୍ରାମର ମୁରବି ଯୋଗଦେଇ ଅନ୍ନ ପ୍ରସାଦ, ଡାଲି, ବେସର, ମହୁର, ଶାଗ, ଖଟା, ଖିରି ସେବନ କରିଥିଲେ। ପ୍ରତିଦିନ ଭକ୍ତଙ୍କ ଲାଗି ପ୍ରସାଦ ବ୍ୟବସ୍ଥା କରାଯାଇଛି ଓ ଜଣକ ପିଛା ୮୦ ଟଙ୍କା ମୂଲ୍ୟ ରଖାଯାଇଥିବା ମନ୍ଦିର ପ୍ରଶାସନ ଘୋଷଣା କରିଛି।

### ଉମାଦେଇ ବ୍ରହ୍ମପୁର ସରପଞ୍ଚଙ୍କ ଅନାସ୍ଥା ଫଳ ସ୍ଥଗିତ

ବାଲକାଟୀ,୧୫।୧(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ପଞ୍ଚାୟତର ସରପଞ୍ଚ ରମାଲତା ନାୟକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭୋଟ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗତ କିଛିଦିନ ତଳେ ସରପଞ୍ଚ ରମାଲତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଧିକାଂଶ ୱାର୍ଡ ସଭ୍ୟ ଆଣିଥିଲେ। ବିଭିନ୍ନ ଅଭିଯୋଗ ଆଣି ଭୁବନେଶ୍ୱର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଆଧାର କରି ପ୍ରଶାସନ ପକ୍ଷରୁ ବୁଧବାର ଅନାସ୍ଥା ଉପରେ ଭୋଟ ଗ୍ରହଣ ପାଇଁ ଦିନ ସ୍ଥିରୀକୃତ ହୋଇଥିଲା। ଅନାସ୍ଥାକୁ ନେଇ ବୁଧବାର ଦିନ ୧୧ଟା ସମୟ ସ୍ଥିର କରାଯାଇଥିଲା। ବାଲିଅନ୍ତା ତହସିଲ୍‌ଦାର ବିମଲ କୁମାର ଲେଙ୍କା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଏବଂ ଅତିରିକ୍ତ ତହସିଲଦାର ଯୋଗୀନାଥ ଦାସ ପ୍ରିଜାଇଡିଂ ଅଫିସର୍ ଭାବେ ଯୋଗଦେଇ ଭୋଟ ଗ୍ରହଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରପଞ୍ଚଙ୍କୁ ମିଶାଇ ମୋଟ ୧୧ ଜଣ ଭୋଟ ଦେଇଥିଲେ। ଭୋଟ ସରିଲା ପରେ ଭୋଟ ବାକ୍ସକୁ ଜଉମୁଦରେ ସିଲ୍ କରି ଟ୍ରେଜେରି କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଅନାସ୍ଥା ପ୍ରସ୍ତାବ ବିରୋଧରେ ସରପଞ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ଫେବୃଆରୀ ୩ରେ ଏହି ଭୋଟ ଗଣତି କରାଯିବ ବୋଲି ସୂଚନା ମିଳିଛି।

# ନିସ୍‌କୁ ଗ୍ଲୋବାଲ ଡାଇସ୍ପୋରା ଆଲାଏନ୍ସ ଆୱାର୍ଡ




ଭୁବନେଶ୍ୱର,୧୫।୧(ଅନୁରାଧା ମହାରଣା)

ବିଶ୍ୱ ବିସ୍ଥାପିତ ଗଠବନ୍ଧନ (ଜିଡିଏ) ଏବଂ ଭାରତୀୟ ଅର୍ଥନୈତିକ ବାଣିଜ୍ୟ ସଂଗଠନ (ଆଇଇଟିଓ) ପକ୍ଷରୁ ଭାରତ ଓ ଅନ୍ୟ ରାଷ୍ଟ୍ରଗୁଡିକ ମଧ୍ୟରେ ଶିଳ୍ପ, ଶିକ୍ଷା ଅଭିବୃଦ୍ଧି ଓ ପୁଞ୍ଜି ନିବେଶ ସମ୍ପର୍କିତ ଏକ ସମ୍ମିଳନୀ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶାର ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ. ସୁଭାଷ ଚନ୍ଦ୍ର ନାୟକ ଓ ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକଙ୍କୁ 'ଗ୍ଲୋବାଲ୍ ଡାଏସ୍ପୋରା ଆୱାର୍ଡ' ପ୍ରଦାନ କରାଯାଇଥିଲା। ପରେ ଆଇଇଟିଓ ଓ ଭାରତ ରାଷ୍ଟ୍ରମଣ୍ଡଳ ବ୍ୟାପାର ପରିଷଦ ସହିତ ଶିକ୍ଷାର ପ୍ରସାର, ଶିଳ୍ପର ବିକାଶ ତଥା ପୁଞ୍ଜିନିବେଶ ନିମିତ୍ତ ନିସ୍ ଶିକ୍ଷାନୁଷ୍ଠାନର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ତେବେ ପୁରସ୍କାର ଗ୍ରହଣ କରିବା ଅବସରରେ ଡ. ନାୟକ କହିଛନ୍ତି, ଚଳିତବର୍ଷ ନିସ୍ ଶିକ୍ଷାନୁଷ୍ଠାନ ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ ବିଶ୍ୱଦରବାରରେ ଶିଳ୍ପ, ଶିକ୍ଷା ଓ ନିବେଶର ଅଭିବୃଦ୍ଧି ନିମିତ୍ତ ଉପସ୍ଥିତ ହୋଇଛି। ପ୍ରବାସୀ ଭାରତୀୟ ତଥା ବିଶ୍ୱ ବାଣିଜ୍ୟ ଉଦ୍ୟୋଗପତିଙ୍କ ସହିତ ସମ୍ପର୍କ ସୁଦୃଢ଼ ହେବା ସହ ଶିକ୍ଷା ଓ ସମୃଦ୍ଧିରେ ସୁଧାର ଆସିବ ବୋଲି ଡ. ନାୟକ ଆଶା ରଖିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ଅମୃତ ଲୁଗୁନ, ଗ୍ରେନେଡାର ହାଇକମିଶନର ପାଶୁ ପେଲେଟି ଗୀତା କିଶୋର କୁମାରଙ୍କ ସମେତ ଉଗାଣ୍ଡା, ଲେସୋଥୋ, ଗ୍ରେନେଡା ଏବଂ ଇକ୍ୱେଡର ଭଳି ରାଜ୍ୟଗୋଷ୍ଠୀ ଦେଶଗୁଡିକର ରାଷ୍ଟ୍ରଦୂତଙ୍କ ସମେତ ବିଶିଷ୍ଟ ବକ୍ତାମାନେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ।




ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ ପରିସରରେ ବୁଧବାର ଉଦ୍‌ଘାଟିତ ସ୍କୁଲର ୫୧ତମ ବାର୍ଷିକ ଉତ୍ସବ 'ଡ୍ରମ୍‌ସ୍କେପ୍'ରେ ଅତିଥିଠାରୁ ଟ୍ରଫି ଗ୍ରହଣ ଅବସରରେ ଚାମ୍ପିଅନ ଟିମ୍।

# କୁମ୍ଭମେଳା ପରିଚାଳନା କରିବ କେନ୍ଦ୍ରୀୟ ସମନ୍ୱୟ କମିଟି

ଭୁବନେଶ୍ୱର,୧୫।୧(ସୂର୍ଯ୍ୟକାନ୍ତ ବେହେରା)

**ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ବାରଣ**

ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ଆସନ୍ତା ଫେବୃଆରୀ ୪ ତାରିଖରେ ଆରମ୍ଭ ହେବ। ଏହି ଅବସରରେ ଆସନ୍ତା ୬ ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବଡ଼ ବଡ଼ ଅପେରା ଯାତ୍ରା ପରିବେଷଣ କରିବେ। ୬ଟି ଯାତ୍ରା କମିଟି ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ୧୨ଟି ଅପେରା ଦଳ ସେମାନଙ୍କ ନାଟକ ପ୍ରଦର୍ଶନ କରିବେ। ଛୋଟ ପିଲାଙ୍କଠାରୁ ବିଭିନ୍ନ ବର୍ଗର ଲୋକେ ମେଳାକୁ ବୁଲି ଆସି ଅପେରା ଦେଖି ମଜା ନେବେ। ଏହି ମେଳାରେ ଅଶ୍ଳୀଳ ନୃତ୍ୟକୁ ଗତ ଥର ଭଳି ଏଥର ମଧ୍ୟ ବାରଣ କରାଯାଇଛି। ତେବେ କୌଣସି ଅଭିନେତ୍ରୀଙ୍କୁ ଏଥର ବାରଣ କରାଯାଇ ନ ଥିବା ବୁଧବାର ସନ୍ଧ୍ୟାରେ ଖଣ୍ଡଗିରି ଥାନା ପରିସରରେ ଜୋନ -୩ ଏସିପିଙ୍କ ଅଧ୍ୟକ୍ଷତାରେ ଯାତ୍ରା କମିଟି ସହ ବସିଥିବା ବୈଠକରେ ଆଲୋଚନା ହୋଇଛି। ଏହାସହ ଯେଉଁ ପେଣ୍ଡାଲରେ ଅଶ୍ଳୀଳ ନୃତ୍ୟ କରୁଥିବାର ଅଭିଯୋଗ ଆସେ, ସେହି ଅପେରା ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଏସିପି ତାପସ ପ୍ରଧାନ କହିଛନ୍ତି। ସେହିପରି ମେଳାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ସମାପନ କରିବା ସହ ଯାତ୍ରା କମିଟିଙ୍କ ମଧ୍ୟରେ ସମନ୍ୱୟ ରଖିବା ପାଇଁ ଏକ କେନ୍ଦ୍ରୀୟ ସମନ୍ୱୟ କମିଟି ଗଠନ କରିବାକୁ ବୈଠକରେ ପ୍ରସ୍ତାବ ହୋଇଛି। ଉକ୍ତ ବୈଠକରେ ସ୍ଥାନୀୟ ଥାନା ଅଧିକାରୀ, ୬ଟି ଯାତ୍ରା କମିଟିର ସଭାପତି, ସମ୍ପାଦକ, ବାରଭୁଜାଙ୍କ କମିଟି, ଅନନ୍ତ କେଶରୀ ଦେବ କମିଟି, ସ୍ଥାନୀୟ ଅଞ୍ଚଳର ୫ଜଣ କର୍ପୋରେଟର ଉପସ୍ଥିତ ରହି ଏହାକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏଥିପାଇଁ ଗୁରୁବାର ପୁଣି ବାରଭୁଜାଙ୍କ ମନ୍ଦିର ନିକଟରେ ଖଣ୍ଡଗିରି ଥାନା ଅଧିକାରୀ ଓ ଏସିପିଙ୍କ ସହ ସମସ୍ତ ଯାତ୍ରା କମିଟି, ବାରଭୁଜାଙ୍କ କମିଟି, ଅନନ୍ତ କେଶରୀ ଦେବ କମିଟି ଓ ସ୍ଥାନୀୟ କର୍ପୋରେଟରମାନଙ୍କୁ ନେଇ ଗଠିତ କୋର କମିଟି ଏକ ବୈଠକ କରାଯିବ ବୋଲି ସୂଚନା ମିଳିଛି।

ଅପରପକ୍ଷେ ଏହି କୁମ୍ଭମେଳାର ଅନ୍ୟତମ ଆକର୍ଷଣ ଅନନ୍ତ କେଶରୀଙ୍କ ଯାତ୍ରା। ମହାପ୍ରଭୁ ଅନନ୍ତ କେଶରୀ ଜାଗମରା ନାଗା ମଠରୁ ଉଦୟଗିରି ହାଣୀ ହଂସପୁରକୁ ଯାତ୍ରା କରିବେ। ସେହିପରି ମେଳାକୁ ବହୁ ସାଧୁସନ୍ଥ ମଧ୍ୟ ଆସିବେ। ୯ ଦିନ ବ୍ୟାପୀ ବାରଭୁଜାଙ୍କ ଯଜ୍ଞ ଓ ପାରାୟଣ ଓ ପାହାଡ଼ ପାଦଦେଶ ଜପତପ ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେବ। ଅନନ୍ତ କେଶରୀଙ୍କ ଯାତ୍ରା ଆସନ୍ତା ୪ରେ ହେବାକୁ ଥିବା ବେଳେ ସନ୍ଧ୍ୟା ୭ ଟାରୁ ରାତି ୧୦ ଟା ମଧ୍ୟରେ ସାରିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ବାରଭୁଜାଙ୍କ ଯଜ୍ଞ ଓ ପାରାୟଣ ମଧ୍ୟ କିପରି ସୁଚାରୁରୂପେ ସମ୍ପାଦନ ହୋଇପାରିବ, ସେନେଇ ମଧ୍ୟ ଆଲୋଚନା ହୋଇଛି। ଏହା ସହ ଟ୍ରାଫିକ ସୁପରିଚାଳନା, ଲୁଟ୍ ଛିନ୍‌ତାଇ କିପରି ରୋକାଯାଇ ପାରିବ ଓ ମାଘ ମେଳାରେ ବାହାରୁ ଆସୁଥିବା ସାଧୁସନ୍ଥଙ୍କ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧।୨୦୨୫

| | |
|---|---|
| ୬,୬୭,୭୨୧ ଟଙ୍କା | |
| ସୁନା | ୮.୨୫୦ ଗ୍ରାମ୍ |
| ରୁପା | ୧୨୩.୪୦୦ ଗ୍ରାମ୍ |

# କଣାସ ଅଞ୍ଚଳରେ ବ୍ୟାପିଲା ଝାଡ଼ାବାନ୍ତି

କଣାସ,୧୫।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତର ନୂଆଗାଁ ଗ୍ରାମରେ ଦୀର୍ଘ ୧୪ଦିନ ହେଲା ଝାଡ଼ାବାନ୍ତି ଲାଗିରହିବା ସହିତ ୨ ଜଣଙ୍କର ମୃତ୍ୟୁ ଘଟିଛି। ୧୨ଦିନ ହେଲା ଉକ୍ତ ଗ୍ରାମର ଆଶା ଦିଦି ରୋଗୀମାନଙ୍କୁ ଔଷଧ ବିତରଣ କରୁଛନ୍ତି। ୨ଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରଚାର ହେବା ପରେ ମଙ୍ଗଳବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉକ୍ତ ଗ୍ରାମକୁ ଯାଇ ବୁଲି ସ୍ଥିତି ପରଖିଥିଲେ। ଉକ୍ତ ଗ୍ରାମରେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ବେଳେ ନିକଟସ୍ଥ ଜାଗୁଲେଇପଦର ଗ୍ରାମରେ ୧୫ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି।

ସେହିପରି ଗଡ଼ିଶାଗୋଦା ଗ୍ରାମରେ ୫ଜଣ, ହରିପୁର ଗ୍ରାମରେ ୨ଜଣ ଆଜି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବୁଧବାର ପୁରୀରୁ ଡିପିଏଚ୍‌ଓ ବ୍ରଜ ଶଙ୍କର ରଥ, ଇପିଡେମୋଲୋଜିଷ୍ଟ ଡାକ୍ତର ସିଲ୍ପି ଦାସ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସମ୍ବିତ୍ ରଞ୍ଜନ ଜେନା, ଡାକ୍ତର ଜଗନ୍ନାଥ ବେହେରା, ଡାକ୍ତର ଅବନିରଞ୍ଜନ ପାତ୍ର, ସ୍ୱର୍ଣ୍ଣଲତା ରଥ, ପିଏଚ୍‌ଇଓ ଦେବଦର୍ଶିନୀ ମହାନ୍ତ ପ୍ରମୁଖ ନୂଆଗାଁ, ଜାଗୁଲେଇପଦର, ଗଡ଼ିଶାଗୋଦା, ହରିପୁର ଗ୍ରାମକୁ ଯାଇ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ଲୋକମାନଙ୍କୁ ଔଷଧ ବିତରଣ କରିଥିଲେ। ଦୟାନଦୀର ଦୂଷିତ ଜଳ ବ୍ୟବହାର ଯୋଗୁ ଝାଡ଼ାବାନ୍ତି ବ୍ୟାପୁଥିବା ଡାକ୍ତରମାନେ ସୂଚନା ଦେବାସହ ଦୟାନଦୀର ଜଳକୁ ବ୍ୟବହାର ନ କରିବା ପାଇଁ ଡାକ୍ତରମାନେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ୭ଦିନ ଧରି ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ ନୂଆଗାଁଠାରେ ଖୋଲାଯିବ ବୋଲି ଡିପିଏଚ୍‌ଓ ଡାକ୍ତର ବ୍ରଜ ଶଙ୍କର ରଥ ସୂଚନା ଦେଇଥିଲେ। ଗଡିଶାଗୋଦା ଗ୍ରାମରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ଔଷଧପତ୍ର ସାଲାଇନ୍ ନ ଥିବାରୁ ୨ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀ ଜିଲା ଡାକ୍ତରଙ୍କ ନିକଟରେ ଅଭିଯୋଗ କରିଥିଲେ।



### ୪ ଗ୍ରାମରେ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ, ଗାଁରେ ପହଞ୍ଚିଲେ ଜିଲା ଚିକିତ୍ସକ ଦଳ

# ବଉଲାଙ୍ଗ ଆର୍‌ଆଇ ଚାକିରିରୁ ନିଲମ୍ବିତ

### ନିଶାସକ୍ତ ଅବସ୍ଥାରେ ଥିବା ଭିଡିଓ ଭାଇରାଲ ଘଟଣା

ପୁରୀ/ଯୋଗେଶ୍ୱରପୁର, ୧୫।୧
(ଅଜିତ କୁମାର ମହାନ୍ତି/ରଶ୍ମିରଞ୍ଜନ ସାହୁ)

ପୁରୀ ଜିଲା ଗୋପ ତହସିଲ ଅଧୀନ ବଉଲାଙ୍ଗ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ମାର୍ଶାଲ ପ୍ରଧାନଙ୍କୁ ଚାକିରିରୁ ବୁଧବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିଲମ୍ବନ କରିଛନ୍ତି। ମାର୍ଶାଲ ନିଶାସକ୍ତ ଅବସ୍ଥାରେ ଥାଇ ଚାଷୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜର ସାଙ୍ଗ ବୋଲି କହୁଥିବା ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣା ପରେ ତୁରନ୍ତ ଆର୍‌ଆଇ ମାର୍ଶାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ଉକ୍ତ ଘଟଣାରେ ମାର୍ଶାଲଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।

ଭାଇରାଲ ଘଟଣାର ତଦନ୍ତ ପାଇଁ ଉପଜିଲାପାଳଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ମାର୍ଶାଲଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ତାଙ୍କ ହେଡ୍‌କ୍ୱାର୍ଟର କୃଷ୍ଣପ୍ରସାଦ ତହସିଲ କାର୍ଯ୍ୟାଳୟ ଧାର୍ଯ୍ୟ କରାଯାଇଛି। କୃଷ୍ଣପ୍ରସାଦ ତହସିଲଦାରଙ୍କ ବିନା ଅନୁମତିରେ ହେଡ୍‌କ୍ୱାର୍ଟର ନ ଛାଡ଼ିବାକୁ ମାର୍ଶାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ବଉଲାଙ୍ଗ ଆର୍‌ଆଇ ଅଫିସ୍‌କୁ ଚାଷୀମାନେ ନିଜ ଜମିର ପାଉତି କାଟିବା ସହ ଫସଲ କ୍ଷୟକ୍ଷତି ସମ୍ପର୍କିତ ଫର୍ମ ଡିପୋଜିଟ୍ କରିବା ପାଇଁ ଆସିଥିଲେ। ତେବେ ଆର୍‌ଆଇ ମାର୍ଶାଲ ପ୍ରଚୁର ମଦ୍ୟପାନ କରି ଅଫିସ୍ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଅଫିସ୍ ସମୟରେ ତାଙ୍କ ନିକଟକୁ ଆସିଥିବା ସମ୍ପର୍କରେ ଚାଷୀମାନେ ଜଣାଇବା ସତ୍ତ୍ୱେ ସେ କିଛି ଶୁଣି ନ ଥିଲେ। ଓଲଟା ଚାଷୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା।

## ସଂକ୍ଷେପରେ

### ଗଜପତି ମହାରାଜାଙ୍କ ରାଜାଭିଷେକ ନୀତି

ପୁରୀ,୧୫।୧(ଅଜିତ୍ ମହାନ୍ତି)

ପୌଷ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହେବା ପରେ ବୁଧବାର ପୁଷ୍ୟା ନକ୍ଷତ୍ରଯୁକ୍ତ ତିଥିରେ ଶ୍ରୀନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ରାଜାଭିଷେକ ନୀତି ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ, ପୁଷ୍ୟା ନକ୍ଷତ୍ର ତିଥିରେ ଗଜପତି ମହାରାଜା ସିଂହାସନ ଆରୋହଣ କରିବା ସହ ଅଭିଷେକ ନୀତି ଅନୁଷ୍ଠିତ ହୋଇଥାଏ। ଗଜପତିଙ୍କ ପୁଷ୍ୟାଭିଷେକ ନୀତି ନିମନ୍ତେ ଶ୍ରୀନଅରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଅଭିଷେକ ନୀତି ପୂର୍ବରୁ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟିପୂଜା ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଏବଂ ମହାରାଣୀଙ୍କୁ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଇଥିଲା। ବନ୍ଦାପନା କରାଯାଇ ଗଜପତିଙ୍କୁ ପଇତାଲାଗି ଓ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ସେହିପରି ଗଜପତି ତାଙ୍କର ପାରମ୍ପାରିକ ବେଶରେ ଗାଦିକୁ ବିଜେ କରିବା ପରେ ଷୋଳଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ତାଙ୍କୁ ନଡ଼ିଆ ଓ ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ କରିଥିଲେ। ରାଜଗୁରୁ କହିଛନ୍ତି, ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ରାମଚନ୍ଦ୍ର ଏହି ତିଥିରେ ରାଜ ଅଭିଷେକ ହୋଇଥିଲେ। ସେହି ଅନୁଯାୟୀ ପୁଷ୍ୟା ନକ୍ଷତ୍ର ଯୁକ୍ତ ତିଥିରେ ଆବହମାନ କାଳରୁ ଗଜପତି ମହାରାଜାଙ୍କ ରାଜାଭିଷେକ ନୀତି କରାଯାଇଥାଏ। ଅଭିମନ୍ତ୍ରିତ ଜଳରେ ଗଜପତି ମହାରାଜା ଏବଂ ମହାରାଣୀଙ୍କୁ ଅଭିଷେକ କରାଯାଇଥାଏ।

### ପୂର୍ବଶତ୍ରୁତାରୁ ଆକ୍ରମଣ: ୨ ଗୁରୁତର

ଯୋଗେଶ୍ୱରପୁର,୧୫।୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଈଶାଣପୁର ପଞ୍ଚାୟତ ଆମପଡ଼ା ଗ୍ରାମରେ ମଙ୍ଗଳବାର ରାତିରେ ୪ ବ୍ୟକ୍ତିଙ୍କ ସଂଘବଦ୍ଧ ଆକ୍ରମଣରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସୂଚନା ଅନୁଯାୟୀ, ଆମପଡ଼ା ଗ୍ରାମର କର୍ଣ୍ଣ ନାଥ, ଅର୍ଜୁନ ନାଥ, ଭୀମ ନାଥ ଓ ସନାତନ ନାଥଙ୍କ ଆକ୍ରମଣରେ ସେହି ଗ୍ରାମର କାଳନ୍ଦୀ ନାଥ(୪୨)ଙ୍କ ମୁଣ୍ଡ ଫାଟିଥିବାବେଳେ ତାଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୁକାନ୍ତ ନାଥ (୩୫)ଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ସେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ଏ ନେଇ କାଳନ୍ଦୀ ଓ ସୁକାନ୍ତ ବୁଧବାର ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଫାଣ୍ଡି ଅଧିକାରୀ ଅଶୋକ ବେହେରା କହିଛନ୍ତି।

### ୧୯୯୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

କୋଣାର୍କ,୧୫।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ୧୯୯୨ ମସିହା ମ୍ୟାଟ୍ରିକ୍ ବ୍ୟାଚ ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଚନ୍ଦ୍ରଭାଗା ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୀର୍ଘ ୩୩ ବର୍ଷ ପୂର୍ବରେ ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇଥିଲେ। ବାର୍ଦ୍ଧକ୍ୟ ଜୀବନ ପର୍ଯ୍ୟନ୍ତ ବନ୍ଧୁତ୍ୱକୁ ବଜାୟ ରଖିବା ପାଇଁ ସଂକଳ୍ପ ନେଇଥିଲେ। ନିଜ ପରିବାର, ମାତାପିତା, ସମାଜ ଓ ରାଷ୍ଟ୍ର ଧର୍ମ ପାଳନ ପାଇଁ ସମସ୍ତେ ବଦ୍ଧପରିକର ହୋଇଥିଲେ। ଏଥିସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ରୋଜାଲିନ ରାଉତ, କଳ୍ପନା ଶତପଥୀ, ସୁଦେଷ୍ଣା ପ୍ରଧାନ, ରଣଜିତ୍ ରାଉତରାୟ, ନିଶାନ୍ତ ପଟ୍ଟନାୟକ, ନିରଞ୍ଜନ ବିଶ୍ୱାଳ, ରୀନା ନାୟକ, ପ୍ରତାପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଚୋରା ମଦ କାରବାରକୁ ବିରୋଧ କରି ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି କଳଘର ଛକ ନିକଟରେ ମହିଳାମାନେ ରାସ୍ତାରୋକୋ କରିଛନ୍ତି ।

## ଚୋରା ମଦ କାରବାର ବିରୋଧରେ ରାସ୍ତାରୋକୋ

ଅସ୍ତରଙ୍ଗ,୧୫।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି କଳଘର ଛକ ନିକଟରେ ଦୀର୍ଘ ଦିନ ହେବ ଚୋରା ମଦ ବ୍ୟବସାୟ ହେଉଥିଲା। ବାରମ୍ବାର ବାରଣ ସତ୍ତ୍ୱେ ମଧ ମଦ ବ୍ୟବସାୟ ଜମୁଥିବାରୁ ବୁଧବାର ସନ୍ଧ୍ୟା ସମୟରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଉକ୍ତ ଚୋରା ମଦ ଦୋକାନରେ ପହଞ୍ଚି ଭଙ୍ଗାରୁଜା କରିବା ସହ ପୋଡ଼ାଜଳା କରିଥିଲେ। ଉକ୍ତ ମଦ ଦୋକାନ ନିକଟରେ ଥିବା ଏକ ଛୋଟ କୁଡ଼ିଆ ସାମ୍ନାରେ ପୋଡ଼ା ଜଳା କରିଛନ୍ତି। ଚୋରା ମଦ ବ୍ୟବସାୟ ବନ୍ଦ କରିବାକୁ ଶତାଧିକ ମହିଳା ରାସ୍ତାରୋକେ କରିଛନ୍ତି। ଘଟଣାସ୍ଥଳରେ ଅସ୍ତରଙ୍ଗ ପୋଲିସ ମୁତୟନ ହୋଇଛନ୍ତି।

## ଚାରିଛକରେ ଓଡ଼ିଶା ଡ୍ରାଇଭର ସଂଘର କାର୍ଯ୍ୟାଳୟ ଉଦ୍‌ଘାଟନ

ଚାରିଛକ,୧୫।୧(ଶିଶିର ସ୍ୱାଇଁ)

ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ନିକଟରେ ରାଜ୍ୟ ଡ୍ରାଇଭର ସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଡ୍ରାଇଭର ସଂଘର ଜିଲା ଉପସଭାପତି ଗୋପାଳ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ଭାବେ ଜିଲା ସହ ସମ୍ପାଦକ ସୁଧାଂଶୁ ମଲ୍ଲିକ, ସହସମ୍ପାଦକ ପ୍ରତାପ ସ୍ୱାଇଁ, ସହସମ୍ପାଦକ ଗଣେଶ ମହାନ୍ତି, ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳ, ନିମାପଡ଼ା ବ୍ଲକ ସଭାପତି ସୁକଦେବ ବେହେରା, ଉପସଭାପତି ବାପି କୁମାର, ସମ୍ପାଦକ ଅଜୟ ବେହେରା, ଅସ୍ତରଙ୍ଗ ବ୍ଲକ ସଭାପତି କୃପାସିନ୍ଧୁ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ଏକାନ୍ତ ଆଶ୍ରମ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଡ୍ରାଇଭର ସଂଘର ନିୟମକୁ ମାନି ଗାଡ଼ି ଚଲାଇବା ପାଇଁ ଏହି ସଭାରେ ଯୋଗଦେଇଥିବା ନୂତନ ଓ ପୁରାତନ ସଭ୍ୟମାନେ ଶପଥ ଗ୍ରହଣ କରିଥିଲେ। ଚାରିଛକ ଅଞ୍ଚଳରେ କିଭଳି ଭାବେ ଦୁର୍ଘଟଣା ନ ହେବ ତାହା ଉପରେ ଗୁରୁତ୍ୱ ଦେବାପାଇଁ ଥାନା ଅଧିକାରିଣୀ ମମତା ବିଶ୍ୱାଳ ଉପସ୍ଥିତ ଥିବା ଡ୍ରାଇଭରଙ୍କୁ ବୁଝାଇ କହିଥିଲେ। କାର୍ଯ୍ୟକ୍ରମରେ ଚାରିଛକ ଅଞ୍ଚଳରେ ଥିବା ସମସ୍ତ ପଞ୍ଚାୟତର ନୂତନ ଓ ପୁରାତନ ଡ୍ରାଇଭର୍ ସଭ୍ୟ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଭୂସମ୍ପତ୍ତି ସୁରକ୍ଷା ପରିଷଦର ବିକ୍ଷୋଭ

ପୁରୀ,୧୫।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଲଆର୍ ଆକ୍ଟର ବିରୁଦ୍ଧାଚରଣ କରି ବିନା ନୋଟିସରେ ବିକ୍ରି ଖର୍ଦ୍ଦିକୁ ଅସିଦ୍ଧ ଘୋଷଣା କରି ଏକଶହ ବର୍ଷର ପ୍ରଜାସ୍ୱତ୍ୱ କାଟି ଦେବା ଅପଚେଷ୍ଟା କରୁଥିବା ଅଭିଯୋଗ କରି ଆଞ୍ଚଳିକ ଭୂସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବିକ୍ଷୋଭରେ ପୁରୀ ସଦର, ବାଟଗାଁ, ବାଲିଗୁଆଳି, ମଙ୍ଗରାଜପୁର, ଆଳିକିଆ, ବେଲେଶ୍ୱରପାଟଣା, ବେଲଦଳ, ଭୁଆଁ, ନାଗାପାଟଣା, ଆଳିକିଆ ଆଦି ସମେତ ୧୦ଟି ଗ୍ରାମର ବାସିନ୍ଦା ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ସରକାରଙ୍କ ପଲିସି ଅନୁସାରେ ଏ କାର୍ଯ୍ୟ ଜାରି ରହିଛି। ସରକାରଙ୍କୁ ଏକ ନୂଆ ପଲିସି ମଧ୍ୟ ସୁପାରିସି କରାଯାଇଛି। ଅନୁମୋଦନ ହେଲେ ତାହା କାର୍ଯ୍ୟକାରୀ ହେବ।

## ‘ପଛୁଆବର୍ଗଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ହୋଇଛି’

ପୁରୀ,୧୫।୧(ଅଜିତ୍ କୁମାର ମହାନ୍ତି)

ସଂସଦୀୟ ପଛୁଆବର୍ଗ କଲ୍ୟାଣ କମିଟି (ପାର୍ଲାମେଣ୍ଟାରି କମିଟି ଅନ ୱେଲଫେୟାର ଓବିସିସି)ର ସଦସ୍ୟମାନେ ବୁଧବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏମ୍ପି ଗଣେଶ ସିଂହଙ୍କ ଅଧ୍ୟକ୍ଷତାରେ ଏହି କମିଟି ଷ୍ଟଡି ଟୁର୍‌ରେ ଓଡ଼ିଶା ଆସିଛି। ପୁରୀରେ କମିଟିର ସଦସ୍ୟମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେମାନେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତି ଓ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ଫେରିଥିଲେ। ସମସ୍ତ ସଦସ୍ୟଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ଏହି ଅବସରରେ କମିଟି ଅଧ୍ୟକ୍ଷ ସିଂ କହିଥିଲେ, ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ ହେଲା। ଜଗତର କଲ୍ୟାଣ ସହ ସମସ୍ତ ପ୍ରାଣୀଙ୍କ ମଙ୍ଗଳ ମନାସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବହୁତ ଅଗ୍ରଗତି କରୁଛି। ୨୦୩୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନ ପୂରଣ ହେଉ। ଦେଶର ପଛୁଆ ବର୍ଗ ଲୋକଙ୍କ ପାଇଁ କାମ କରିବା ସହ ସେମାନଙ୍କ ଉନ୍ନତି ଲାଗି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି।

# ଶ୍ରୀକ୍ଷେତ୍ର ମକର ଉତ୍ସବ ଉଦ୍‌ଘାଟିତ

ପୁରୀ,୧୫।୧(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ଉନ୍ନୟନ ପରିଷଦ ପକ୍ଷରୁ ପ୍ରଥମ ଶ୍ରୀକ୍ଷେତ୍ର ମକର ମହୋତ୍ସବ ବୁଧବାର ତାଳବଣିଆରେ ଉଦ୍‌ଘାଟିତ ହୋଇଛି। ଉତ୍ସବରେ ଅତିଥି ଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ସାଂସ୍କୃତିକ ସଂଯୋଜିକା ତଥା ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ, ପରିଷଦର ଆବାହକ ଶିବ ପ୍ରସାଦ ମହାନ୍ତି, ସଭାପତି ସିଡ ଜମାରାଓ ସୁରେଟ, କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ନନ୍ଦ, ସମ୍ପାଦକ ସୁଜିତ୍ ପଟ୍ଟନାୟକ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ସେବାୟତ ମଧୁସୂଦନ ସିଂହାରୀ, ଉପାଧ୍ୟକ୍ଷ ଦିଗ୍‌ଦର୍ଶନ ପଟ୍ଟନାୟକ ଓ ଉମାକାନ୍ତ ନାୟକ, ସାଙ୍ଗଠନିକ ଅଧ୍ୟକ୍ଷ ସନାତନ ଦାସ, ସାଂସ୍କୃତିକ ସଂଯୋଜକ ଲକ୍ଷ୍ମୀନାରାୟଣ ଦାସ, କାର୍ଯ୍ୟକାରୀ ସଦସ୍ୟା ଅନିତା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ସଙ୍ଗୀତ, ଝୋଟି, ଚିତ୍ରକଳା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ, ଶ୍ରୀକ୍ଷେତ୍ର ନୃତ୍ୟଶାଳା ପକ୍ଷରୁ ମାହାରୀ ନୃତ୍ୟ ଏବଂ ଶିଶୁ ନୃତ୍ୟଶିଳ୍ପୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତି ଏବଂ ଡ. ସରୋଜିନୀ ପାଣି ସଞ୍ଚାଳନ କରିଥିଲେ। ଇଣ୍ଡିଆନ ଆଇଡଲ ବିଜୟିନୀ ଅନନ୍ୟା ଶ୍ରୀତମ ନନ୍ଦ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ।



ଅନନ୍ୟା ଶ୍ରୀତମ ନନ୍ଦ

# ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ

ପୁରୀ,୧୫।୧(ଅଜିତ୍ କୁମାର ମହାନ୍ତି)



ଜିଲା ସଦ୍‌ଭାବନା ଗୃହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ୮୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ପ୍ରାୟ ୨୦୦ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପ୍ରଦାନ କରାଯାଇଛି। ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେଇ ୧୧ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ପୁରୀ ବିଧାୟକ ସୁନିଲ୍ କୁମାର ମହାନ୍ତି ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଅନ୍ୟ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗରୁ ବର୍ଦ୍ଧିତ ଭତ୍ତା ପ୍ରାୟ ୫ମାସ ପୂର୍ବରୁ ଦିଆଯିବ ବୋଲି କହିଥିଲେ। ଏଣୁ ଆମ ସରକାର ସୁଭଦ୍ରା ଯୋଜନା ଓ ବର୍ଦ୍ଧିତ ଭତ୍ତା ଆଦି ଯାହା କହିଥିଲେ, ତାହା ଆମେ ପୂରଣ କରିଛୁ ବୋଲି କହିଥିଲେ। ପୁରୀ ବିଧାୟକ ସୁନିଲ୍ ମହାନ୍ତି କହିଥିଲେ, ନୂତନ ସରକାର ଦେଇଥିବା ପ୍ରତିଶ୍ରୁତି ଆଜି ପୂରଣ ହୋଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ, ଯେଉଁମାନେ ନ ଆସିଛନ୍ତି ସେମାନେ ତାଙ୍କ ପଞ୍ଚାୟତ ଅଫିସରୁ ଭତ୍ତା ନେଇପାରିବେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡିଏସ୍‌ଏସ୍‌ଓ ଶୁଭ୍ରାଂଶୁ କୁମାର ମହାରଣା ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ। ସଭାରେ ପୌରପାଳିକା ମୁଖ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ରୂପଭାନୁ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଜବରଦଖଲ ଉଚ୍ଛେଦ ଦାବିରେ ଖବରଦାତାଙ୍କ ଧାରଣା

ନିମାପଡ଼ା,୧୫।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ୟୁକୋ ବ୍ୟାଙ୍କ ସମ୍ମୁଖରେ ନିମାପଡ଼ା ପ୍ରେସ କ୍ଲବର ୫ ଡିସିମିଲି ଜମି ରହିଛି। ଏହି ଜମି ଦୀର୍ଘବର୍ଷ ଧରି ପ୍ରେସ୍ କ୍ଲବ ନାମରେ ରେକର୍ଡଭୁକ୍ତ ହୋଇଛି। ହେଲେ ସ୍ଥାନୀୟ ଅଞ୍ଚଳର ୨ କୁଚକ୍ରୀ ବ୍ୟବସାୟୀ ଚକ୍ରାନ୍ତ କରି ପ୍ରେସ କ୍ଲବ ଜମିକୁ ଜବରଦଖଲ କରିବାକୁ ହୀନ ଉଦ୍ୟମ କରି ପ୍ରେସ କ୍ଲବ ଜମିରେ ବାଲି, ସିମେଣ୍ଟ, ଗୋଡ଼ି ଗଦାକରି ବେଆଇନ ଭାବେ ଜମି ଅବରୋଧ କରିଛନ୍ତି। ତୁରନ୍ତ ପ୍ରେସ୍ କ୍ଲବ୍ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବା ଓ ଜବରଦଖଲକାରୀ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବିରେ ୨୦ରୁ ଊର୍ଦ୍ଧ୍ୱ ଖବରଦାତା ଦିନ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଗଣଧାରଣା ଚଳାଇଥିଲେ। ଖବରପାଇ ପୋଲିସ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଆଇଆଇସି ବାମଦେବ ସ୍ୱାଇଁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଖବରଦାତାଙ୍କୁ ବୁଝାଶୁଝା କରି ଆଲୋଚନା ପାଇଁ ଥାନାକୁ ଡାକିଥିଲେ। ଥାନାରେ ତହସିଲ୍‌ଦାର ବସନ୍ତ କୁମାର ହାତୀ, ଏସ୍‌ଡିପିଓ ମଲ୍ଲିକ, ଆଇଆଇସି ସ୍ୱାଇଁ, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ତୁରନ୍ତ ପ୍ରେସ କ୍ଲବ ଜମିକୁ ଅବରୋଧମୁକ୍ତ କରିବାକୁ ଜବରଦଖଲକାରୀ ବ୍ୟବସାୟୀଙ୍କୁ ତାଗିଦ୍ କରିଥିଲେ। ଏ ସମ୍ପର୍କରେ ପ୍ରେସ୍ କ୍ଲବ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ, ପୁରୀ ଜିଲାପାଳଙ୍କୁ ଅବଗତ କରାଯାଇଛି। ପ୍ରେସ୍ କ୍ଲବ ଜମିରୁ ଅବରୋଧମୁକ୍ତ କରା ନ ଗଲେ ଗଣମାଧ୍ୟମ ପ୍ରତିନିଧିମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।




ପ୍ରେସ୍ କ୍ଲବ ଜମିରେ କାର୍ଯ୍ୟରତ ଖବରଦାତାମାନେ ଧାରଣାରେ ବସିଛନ୍ତି।

# ବିଭିନ୍ନ ସ୍ଥାନରେ ଖୋଲିଲା ଧାନମଣ୍ଡି

ଗୋପ/ ଅସ୍ତରଙ୍ଗ/ପିପିଲି/ ବଳଙ୍ଗା,୧୫।୧
(ଭାରତୀ ଭୂଷଣ ଉପାଧ୍ୟାୟ/ ପ୍ରଦୀପ୍ତ କୁମାର ଦୀକ୍ଷିତ/ ଦୁର୍ଗାମାଧବ ମିଶ୍ର/ କେଦାରେଶ୍ୱର ନନ୍ଦ)

ଗୋପ ବ୍ଲକର ମଦରଙ୍ଗ ନିକଟସ୍ଥ ବନ୍ତଳି ଗ୍ରାମ ସେବା ସମବାୟ ସମିତି ପରିସରରେ ପ୍ରଥମ କରି ଧାନ ମଣ୍ଡି ଖୋଲା ଯାଇଥିବା ବେଳେ ସେବା ସମବାୟ ସମିତି ଗୃହ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ଏହି ଗୃହ ନିର୍ମାଣ ଲାଗି ୬୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଗୃହ ନିର୍ମାଣ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀଙ୍କଠାରୁ ବାହାରେ ଧାନ ସଂଗ୍ରହ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ ଦୀର୍ଘବର୍ଷ ଧରି ଏହି ସେବା ସମବାୟ ସମିତି ଗୃହ ରହିଥିବା ବେଳେ ରକ୍ଷଣାବେକ୍ଷଣ ଯୋଗୁ ଗୃହଟି ଜରାଜୀର୍ଣ୍ଣ ହୋଇ ପଡ଼ିଥିଲା। ଜିଲା ସମବାୟ ସମିତି ଏଥିପ୍ରତି ଧ୍ୟାନ ନ ଦେବା ଫଳରେ ଦୀର୍ଘଦିନ ଧରି ପ୍ରତ୍ୟେକ ବର୍ଷ ୨ଗୋଟି ପଞ୍ଚାୟତର ଶତାଧିକ ଚାଷୀ ଧାନ ମଣ୍ଡିକୁ ଆସିଲେ ସମିତି ବାହାରେ ଖରା, ବର୍ଷା ଓ ଶୀତ କାକରରେ ପଡ଼ି ଧାନ ଦେଇଥାନ୍ତି। ବୁଧବାର ଚଳିତବର୍ଷ ପ୍ରଥମ କରି ଏହି ସମବାୟ ସମିତିରେ ଧାନ ମଣ୍ଡି ଖୋଲା ଯାଇଥିବା ବେଳେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବନ୍ତଳିଗ୍ରାମ ସେବା ସମବାୟ ସମିତି ଗୃହ ନିର୍ମାଣ କାର୍ଯ୍ୟ ଲାଗି ୬୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିସହ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ କାହିଁକି ଗୃହ ନିର୍ମାଣ ହେଉନି ତାହା ସମସ୍ତଙ୍କୁ ବିସ୍ମିତ କରିଛି। ବହୁବର୍ଷ ଧରି ଏପରି ବିପଦପୂର୍ଣ୍ଣ ଭାବେ ରହିଥିବା ବନ୍ତଳିଗ୍ରାମ ସେବା ସମବାୟ ସମିତି ଗୃହକୁ ଭଙ୍ଗାଯାଇ ମଞ୍ଜୁର ହୋଇଥିବା ୬୯ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ଲାଗି କୁଆଁପଡ଼ା ସରପଞ୍ଚ ବଳିମଣୀ ପ୍ରଧାନ, ଯୁବ ନେତା ବିଚିତ୍ରାନନ୍ଦ ପ୍ରଧାନ, ଚାଷୀ ଦାଶରଥି ବରାଳ, ପବିତ୍ର କୁମାର ପ୍ରଧାନ, ସର୍ବେଶ୍ୱର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

ଖରିଫ ଋତୁ ପାଇଁ ଅସ୍ତରଙ୍ଗରେ ଧାନ ମଣ୍ଡି ଖୋଲିଛି। ପୁରୀ ଜିଲା ସମ୍ମିଳିତ ପୁରୀ–ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଅସ୍ତରଙ୍ଗ ଶାଖା ଅଧୀନ କନ୍ତପଏଁରା ଓ ଚକରପଡ଼ା ସେବା ସମବାୟ ସମିତି ପକ୍ଷରୁ ବୁଧବାର ଧାନମଣ୍ଡିରେ ଚାଷୀଙ୍କଠାରୁ ଖରିଫ୍ ଧାନ କ୍ରୟ ଶୁଭାରମ୍ଭ ହୋଇଛି। କନ୍ତପଏଁରା ସମିତିର ସଭାପତି କୁଞ୍ଜବିହାରୀ ପ୍ରଧାନ ଓ ଚକରପଡ଼ା ସମିତିର ସଭାପତି ଲକ୍ଷ୍ମୀଧର ସ୍ୱାଇଁଙ୍କ ଦ୍ୱାରା ଆନୁଷ୍ଠାନିକ ପୂଜାପାଠ ପରେ ମୁଖ୍ୟ ଅତିଥି ସମବାୟ ସମିତି ସମୂହ ପୁରୀ ବିଭାଜନ ଉପନିବନ୍ଧକ ସୁନୀତା ପତି, ବରିଷ୍ଠ ସହକାରୀ ନିବନ୍ଧକ ସ୍ୱରୂପ କୁମାର କର, କାକଟପୁର କ୍ଷେତ୍ର ଅଧିକାରୀ ସତ୍ୟବ୍ରତ ସ୍ୱାଇଁ, ଅସ୍ତରଙ୍ଗ କ୍ଷେତ୍ର ଅଧିକାରୀ ଦିଲୀପ କୁମାର ବେହେରା, ଆର୍‌ଏମସି ସମ୍ପାଦକ ସୁଶାନ୍ତ କୁମାର ବେହେରା, କନ୍ତପଏଁରା ସେବା ସମିତି ସମ୍ପାଦକ ମନୋଜ ବେହେରା, ଚକରପଡ଼ା ସେବା ସମିତି ସମ୍ପାଦକ ପବିତ୍ର ରାଉତ, ଆରଏମ୍‌ସି କ୍ୱାଲିଟି ଟେଷ୍ଟ ଅଫିସର୍ ବିନୟ କୁମାର ବିଶ୍ୱାଳ, ମଣ୍ଡି ନୋଡାଲ ଅଧିକାରୀ ବିଧୁଭୂଷଣ ମହାନ୍ତି, ଗ୍ରାମ୍ୟ କୃଷି ଅଧିକାରୀ ସୁଶାନ୍ତ କୁମାର ବେହେରା, ସାମାଜିକ କର୍ମୀ ଇନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକର ୧୦ଟି ସେବା ସମବାୟ ସମିତିରେ ୨୭୧୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ପ୍ରଥମ ଦିନରେ ୮ଜଣ ଚାଷୀ ୬ଶହ କୁଇଣ୍ଟାଲ ଧାନ ଓ ଚକରପଡ଼ା ସେବା ସମବାୟ ସମିତିରେ ୪୨୦ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ଦିନରେ ୬ଜଣ ଚାଷୀ ୩ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି।

ବୁଧବାର ଜଇସପାଟଣା ଠାରେ ଚଳିତ ବର୍ଷର ଉକ୍ତ ବ୍ଲକର ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସମୂହ ପୁରୀ ମଣ୍ଡଳର ଉପନିବନ୍ଧକ ସୁନୀତା ପତି, ସହ ନିବନ୍ଧକ ସ୍ୱରୂପ କର ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ନଡ଼ିଆ ବାଡେଇ ମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ–ନିମାପଡ଼ା ସମବାୟ ବ୍ୟାଙ୍କର ଡିଜିଏମ୍ ତପତି ପଟ୍ଟନାୟକ, ବୋର୍ଡ ନିର୍ଦ୍ଦେଶକ ଓ ଆରୁହା ସେବା ସମବାୟ ସମିତିର ସଭାପତି ପର୍ଶୁରାମ ମହାପାତ୍ର, ନୋଡାଲ୍ ଅଧିକାରୀ ମଙ୍ଗରାଜ ଜେନା, ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ସ୍ଥାନୀୟ ସମିତିସଭ୍ୟା କବିତା ଖଟେଇ, ବୟୋଜ୍ୟେଷ୍ଠ ଚାଷୀ ଅଜାତି ସାହୁଙ୍କ ସମେତ ସମବାୟ ସମିତିର କର୍ମକର୍ତ୍ତା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଉକ୍ତ ସମବାୟ ସମିତିର ସମ୍ପାଦକ ଭ୍ରମରବର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ୮ଜଣ ଚାଷୀଙ୍କଠାରୁ ପ୍ରାୟ ୨୦୦ କୁଇଣ୍ଟାଲ୍‌ରୁ ଅଧିକ ଧାନ କ୍ରୟ କରାଯାଇଛି।

ବଳଙ୍ଗା ଥାନା ଅନ୍ତର୍ଗତ ନୂଆସନ୍ଥ ସେବା ସମବାୟ ସମିତି ଅଧୀନ ନୂଆସନ୍ଥ ପଞ୍ଚାୟତରେ ବୁଧବାର ଧାନମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ଏଥିରେ ଅତିଥି ଭାବେ ନୂଆସନ୍ଥ ସେବା ସମବାୟ ସମିତିର ସଭାପତି ସୁବ୍ରତ କୁମାର ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ପରିଚାଳନା କମିଟି ସଭ୍ୟ ଶରତ କୁମାର ସାମନ୍ତରାୟ, ପଞ୍ଚାୟତ କୃଷି ଅଧିକାରୀ ଜ୍ୟୋତିର୍ମୟୀ ଦଳେଇ, ଧାନମଣ୍ଡି ନୋଡାଲ୍ ଅଫିସର ମହତ ତିରିକିଆ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପଞ୍ଚାୟତ ପିଇଓ ସୁରେନ୍ଦ୍ର କୁମାର ପ୍ରଧାନ ଓ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ପଞ୍ଜୀକୃତ ୧୩ ଜଣ ଚାଷୀ ସେମାନଙ୍କ ଧାନ ଦେଇଛନ୍ତି।

**ଧାନମଣ୍ଡି ଉଦ୍‌ଘାଟିତ**

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋସ୍ଥିତ ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତିରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ବାରଙ୍ଗ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡା ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ ୫ ଜଣ ଚାଷୀଙ୍କଠାରୁ ୨୦୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଚଳିତବର୍ଷ ଏହି ସମିତିରେ ମୋଟ ୭୫୦ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ସମ୍ପାଦକ ପ୍ରଣୟ କୁମାର ଦାଶ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଗଣେଶ୍ୱର ହେମ୍ବ୍ରମ, ଶୁଭସ୍ମିତା ମହାନ୍ତି, ସମିତି ସଭାପତି ଗୋଲଖ ଚନ୍ଦ୍ର ପାତ୍ର, ଉପ ସଭାପତି ସ୍ମିତା ମହାନ୍ତି, ଲଳିତ କୁମାର ଦାଶ, ବାବାଜୀ ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସପ୍ତାହର ପ୍ରତି ବୁଧବାର ଓ ଶନିବାର ମଣ୍ଡି ଖୋଲା ରହିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି।

**ସଂକ୍ଷେପରେ**

## କ୍ରିକେଟ୍: ଫାଇନାଲରେ କୁମାରବସ୍ତ କ୍ଲବ୍

ତିଗିରିଆ,୧୫।୧(ଜାଫର ଖାଁ)

ତିଗିରିଆ ବ୍ଲକ୍ ଗଦାଧରପୁର ପଞ୍ଚାୟତସ୍ଥିତ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ଖେଳପଡ଼ିଆରେ ମା’ ଭବାନୀ ସ୍ପୋର୍ଟସ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ହେମନ୍ତ କୁମାର ସ୍ୱାଇଁ ସ୍ମାରକୀ କ୍ରିକେଟର ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ ହୋଇଥିଲା। ବାଙ୍କୀର ବୈଦ୍ୟେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଖୋର୍ଦ୍ଧାର କୁମାରବସ୍ତ କ୍ରିକେଟ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୪ଟି ଉଇକେଟ ହରାଇ ୩୬୩ ରନ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ପ୍ରଦୀପ ରାଉତ ବିସ୍ଫୋରକ ବ୍ୟାଟିଂକରି ମାତ୍ର ୪୭ଟି ବଲରୁ ୧୮ଟି ଛକା ଓ ୧୦ଟି ଚୌକା ସହାୟତାରେ ୧୫୭ ରନର ଇନିଂସ ଖେଳିଥିଲେ। ଜବାବରେ ବୈଦ୍ୟେଶ୍ୱର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୨୫୮ ରନ ସଂଗ୍ରହକରି ପରାସ୍ତ ହୋଇଥିଲା। ଖେଳରେ ଉନ୍ନତ ବ୍ୟାଟିଂ ପ୍ରଦର୍ଶନ ପାଇଁ କୁମାରବସ୍ତ ଦଳର ପ୍ରଦୀପ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ଖେଳକୁ ରମେଶ ସ୍ୱାଇଁ ଓ ନରେଶ ରାଉତ ପରିଚାଳନା କରିଥିଲେ। ଅଶୋକ କୁମାର ଖଟୁଆ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହରିପୁରର ଟିସିସି କ୍ରିକେଟ କ୍ଲବ ଓ ଢେଙ୍କାନାଳର ସୁରପ୍ରତାପ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଭବାନୀ ସ୍ପୋର୍ଟସ କ୍ଲବ୍‌ର ସଭାପତି ସରୋଜ କୁମାର ରାଉତ ପ୍ରକାଶ କରିଛନ୍ତି।

## ସାମାଜିକ କର୍ମୀ ରମେଶ ଚନ୍ଦ୍ର ନାୟକଙ୍କ ପରଲୋକ

ଚୌଦ୍ୱାର,୧୫।୧(ଆଶୁତୋଷ ଦାସ)

ଚୌଦ୍ୱାର ପ୍ରଧାନ ସାହିର ସାମାଜିକ କର୍ମୀ ରମେଶ ଚନ୍ଦ୍ର ନାୟକ(୯୧)ଙ୍କର ପରଲୋକ ହୋଇଯାଇଛି। ମଙ୍ଗଳବାର ରାତିରେ ହଠାତ୍ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କଟକ ବଡ ମେଡିକାଲ ନିଆଯାଇଥିଲା।



ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ବାସଭବନକୁ ନିଆଯାଇଥିଲା। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ଯାତ୍ରା କମିଟି ସଭାପତି ସୁବୋଧ ନାୟକ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଦୀପକ କୁମାର ମଙ୍ଗରାଜ, ଅଶୋକ କୁମାର ନାୟକ, ଦେବେନ୍ଦ୍ର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯାଇ ସତ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ପୁତ୍ର ତାପସ ନାୟକ ମୁଖାଗ୍ନି ଦେଇଥିଲେ। ସେଠାରେ ରମେଶଙ୍କ ଶ୍ୱାଇଁ ତଥା ବରିଷ୍ଠ ସାମ୍ବାଦିକ ଅନିଲ ଦାସଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସାଧୁ ଚରଣ ନାୟକଙ୍କ ପୁତ୍ର ରମେଶ ସ୍ୱାଧୀନତା ସଂଗ୍ରାମ ସମୟରେ ଅଞ୍ଚଳର ସଂଗ୍ରାମୀଙ୍କୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଏଥିସହ ସେ ଚୌଦ୍ୱାରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଶିକ୍ଷାନୁଷ୍ଠାନ ସହିତ ଜଡିତ ଥିଲେ।

# ଏକ୍ସ-ରେ ମେଶିନ ଅଚଳ, ରୋଗୀ ହନ୍ତସନ୍ତ

କଟକ,୧୫।୧(ଶିଳ୍ପା ପ୍ରିୟଦର୍ଶିନୀ)

**ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ**

**ରୋଗୀଙ୍କୁ ପଠାଯାଉଛି ଏସ୍‌ସିବି**




ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ଦୀର୍ଘମାସ ହେବ ଏକ୍ସ-ରେ ମେଶିନ ଅଚଳ ହୋଇପଡ଼ିଛି। ଫଳରେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷରେ ମେଶିନ ମରାମତି କରିବା ପରିବର୍ତ୍ତେ କର୍କଟ ରୋଗ ଅନୁଷ୍ଠାନ କର୍ତ୍ତୃପକ୍ଷ ଏକ୍ସ-ରେ ପାଇଁ ରୋଗୀଙ୍କୁ ଏସ୍‌ସିବି ମେଡିକାଲ ପଠାଇ ଦେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, କର୍କଟ ରୋଗ ଅନୁଷ୍ଠାନରେ ଦୁଇଟି ଡିଜିଟାଲ ଏକ୍ସ-ରେ ମେଶିନ ରହିଛି। ସେଥିମଧ୍ୟରୁ ଗୋଟିଏ ପୋର୍ଟେବଲ ମେଶିନ ଆଇସିୟୁରେ କାର୍ଯ୍ୟକ୍ଷମ ରହିଛି। ସେହିପରି ଅନ୍ୟ ମେଶିନ କର୍କଟ କେନ୍ଦ୍ରର ଜି-୬ କୋଠାର ଦ୍ୱିତୀୟ ମହଲାରେ ରହିଛି। ଏହି ମେଶିନ୍‌ରେ କର୍କଟ କେନ୍ଦ୍ରକୁ ଆସୁଥିବା ରୋଗୀ ଓ ଚିକିତ୍ସିତ ହେଉଥିବା ରୋଗୀଙ୍କ ଏକ୍ସ-ରେ କରାଯାଇଥାଏ। ହେଲେ ଏହି ମେଶିନ ଦୀର୍ଘମାସ ହେବ ଅଚଳ ଯୋଗୁ ରୋଗୀ ସେବାରେ ଲାଗିପାରୁନାହିଁ। ଏନେଇ ଜଣେ ରୋଗୀ ସମ୍ପର୍କୀୟ ସବିତା ମିଞ୍ଜି କହିଛନ୍ତି, କର୍କଟ କେନ୍ଦ୍ରରେ ଚିକିତ୍ସା ପୂର୍ବରୁ ପରୀକ୍ଷା ପାଇଁ ଏଣେତେଣେ ପଠାଉଛନ୍ତି। ଏକ୍ସ-ରେ ପାଇଁ କର୍ତ୍ତୃପକ୍ଷ ଏସ୍‌ସିବି ପଠାଉଛନ୍ତି। ମେଡିକାଲରେ ଉନ୍ନତ ମାନର ଚିକିତ୍ସା କେବଳ ଏକ ପ୍ରହସନ। ଅପରପକ୍ଷରେ କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ କହିଛନ୍ତି, ମେଶିନ ଖରାପ ସମ୍ପର୍କରେ କୌଣସି ସୂଚନା ନାହିଁ। ଗଣମାଧ୍ୟମରୁ ଜାଣିବାକୁ ପାଇଛି। ଯଦି ଏଭଳି ସମସ୍ୟା ହୋଇଥାଏ, ତେବେ ଏଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ।

## ‘ସଡ଼କ ସୁରକ୍ଷା ପାଇଁ ସଚେତନତା ଲୋଡ଼ା’



କାର୍ଯ୍ୟକ୍ରମରେ ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ,୧୫।୧(କାର୍ତ୍ତିକ ସାହୁ)

ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ତ୍ରିଧାରା ଓ କଟକ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜ୍ୟ ସଡ଼କ ପରିବହନ ସଂସ୍ଥାର ଅତିରିକ୍ତ ପ୍ରଶାସନିକ ଅଧିକାରୀ ଇନ୍ଦ୍ରମଣି ନାୟକ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ ସଡ଼କ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟବକ୍ତା ଡ. ସତ୍ୟ ରାୟ କହିଥିଲେ, ସଡ଼କ ସୁରକ୍ଷା କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଉଲ୍ଲେଖନୀୟ। ଆର୍‌ଟିଓ ବିରଞ୍ଚି ନାରାୟଣ ଅଧିକାରୀ ସଡ଼କ ସୁରକ୍ଷା ପାଇଁ ସଚେତନତା ଲୋଡ଼ା ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା ପିଲାମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ତ୍ରିଧାରାର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ଅନୁଷ୍ଠାନର କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ।




କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଶରତ ସାହିତ୍ୟ ଟ୍ରଷ୍ଟର ବିଂଶତମ ପ୍ରତିଷ୍ଠା ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବୃନ୍ଦ।

## ‘ବିକାଶରେ ନିର୍ଣ୍ଣାୟକ ଭୂମିକା ନିଏ ସାହିତ୍ୟ’

କଟକ,୧୫।୧(କାର୍ତ୍ତିକ ସାହୁ)

ସାମଗ୍ରିକ ବିକାଶରେ ସାହିତ୍ୟ ନିର୍ଣ୍ଣାୟକ ଭୂମିକା ନେଇଥାଏ ବୋଲି ଶରତ ସାହିତ୍ୟ ଟ୍ରଷ୍ଟର ବିଂଶତମ ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ବୁଧବାର ମତବ୍ୟକ୍ତ କରିଛନ୍ତି। ଶରତ ସାହିତ୍ୟ ଟ୍ରଷ୍ଟର ବିଂଶତମ ପ୍ରତିଷ୍ଠା ଉତ୍ସବ ଓ ଅନୁଷ୍ଠାନର ପ୍ରତିଷ୍ଠାତା ଶରତ କୁମାରୀ ଆଚାର୍ଯ୍ୟଙ୍କ ୮୦ତମ ଜୟନ୍ତୀ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ପାଳିତ ହୋଇଯାଇଛି। ଟ୍ରଷ୍ଟର ଉପଦେଷ୍ଟା ପ୍ରଫେସର ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହିଛନ୍ତି, ସାହିତ୍ୟର ସଂଜ୍ଞା ଅଧିକରୁ ଅଧିକ ବ୍ୟାପକ ହେଉଥିଲାବେଳେ ଏଥିପ୍ରତି ସାରସ୍ୱତ ସ୍ରଷ୍ଟାମାନେ ସଚେତନ ହେବା ଆବଶ୍ୟକ। ଏହିଅବସରରେ ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କୁ ଶରତ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଗବେଷକ ଡ. କମଳ ମାହୁନ୍ତଙ୍କୁ କସ୍ତୁରୀଚରଣ ସ୍ମୃତି ସମ୍ମାନ, ଡାକ୍ତର ସୁହାନୀ ଦାଶଙ୍କୁ ଡାକ୍ତର ନରେନ୍ଦ୍ର କୁମାର ସେବା ସମ୍ମାନ, ଯୁବକବି ଦେବାଶିଷ ମହାରଣାଙ୍କୁ ଶରତ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ବକ୍ତା ଭାବେ ଇଂ. ନିଶୀଥ ରଞ୍ଜନ ନନ୍ଦ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖପତ୍ର ଶରତ ପ୍ରଭା ଉନ୍ମୋଚିତ ହୋଇଥିଲା। ସରୋଜିନୀ ମିଶ୍ର ପ୍ରାରମ୍ଭିକ ସୂଚନା, ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟୁତ୍ ମଞ୍ଜରୀ ପ୍ରଧାନ, ଡକ୍ଟର ନଳିନୀ ନାୟକ, ବନିତା ପତି ଓ ଡକ୍ଟର ସୌଦାମିନୀ ନାୟକ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଡ. ଅଭୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ଜନସେବା ଦିବସରେ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ

କଟକ,୧୫।୧(କାର୍ତ୍ତିକ ସାହୁ)

ଜନସେବା ଦିବସରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବର୍ଦ୍ଧିତ ଭତ୍ତା ରାଶି ବିତରଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଓ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଉପସ୍ଥିତରେ ବର୍ଦ୍ଧିତ ଭତ୍ତା ବିତରଣ କରାଯାଇଛି। ବିଧାୟକ ସେଠୀ କହିଛନ୍ତି, ବିଭିନ୍ନ ସାମାଜିକ ସୁରକ୍ଷା ଭତ୍ତାକୁ ୩୫୦୦ ଟଙ୍କାକୁ ବୃଦ୍ଧି କରିବା ରାଜ୍ୟ ସରକାରଙ୍କର ବୟସ୍କ ନାଗରିକ ତଥା ଦିବ୍ୟାଙ୍ଗ ନାଗରିକଙ୍କ ପ୍ରତି ଏକ ସମ୍ମାନଜନକ ପଦକ୍ଷେପ। କଟକ ଜିଲାରେ ଏହି ବର୍ଗରେ ଚିହ୍ନଟ ହୋଇଥିବା ୨୯,୭୩୮ ଜଣ ନାଗରିକଙ୍କୁ ଏହି ଭତ୍ତା ପ୍ରଦାନ କରାଯିବ। ସେଥିମଧ୍ୟରୁ ୧୫୦ ଜଣ ବୟସ୍କ ଓ ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବୁଧବାର ବଣ୍ଟାଯାଇଛି। ଜିଲାପାଳ ସିନ୍ଦେ କହିଛନ୍ତି, ସମସ୍ତ ବ୍ଲକରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଯଥାସମୟରେ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ମନୋଜ କୁମାର ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ତିଗିରିଆ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ବିରୋଧ

**ସଂଖ୍ୟାଲଘୁ ମହିଳାଙ୍କ ଖବରଦାତା ସମ୍ମିଳନୀ**

ତିଗିରିଆ, ୧୫।୧( ଜାଫର ଖାଁ)

ତିଗିରିଆ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗାଁର ସଂଖ୍ୟାଲଘୁ ମହିଳାଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପ ବିରୋଧରେ ଏକ ଖବରଦାତା ସମ୍ମିଳନୀ ବୁଧବାର କରଡ଼ାପଲ୍ଲୀ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଗୋରୁ ଓ ଗଞ୍ଜେଇ ବ୍ୟବସାୟୀଙ୍କୁ ପୋଲିସ ଧରିବା ନାମରେ ସାଧାରଣ ଲୋକ, ମହିଳା ଓ କଲେଜ ଛାତ୍ରୀଛାତ୍ରଙ୍କୁ ହଇରାଣ ଓ ଖରାପ ବ୍ୟବହାର କରୁଥିବା ପ୍ରତିବାଦରେ ସମିନା ବେଗମ, ଫରାହ ବେଗମ, ରେଶ୍ମା ବେଗମ, ମହିମୁନା ବେଗମ ଓ ରେଜିଆ ବେଗମଙ୍କ ସହ ଅନ୍ୟମାନେ ଖବରଦାତା ସମ୍ମିଳନୀକରି ପ୍ରତିବାଦ କରିଥିଲେ। ସୋମବାର ରାତିରେ କରଡ଼ାପଲ୍ଲୀ ଗ୍ରାମର ବିଧବା ମହିଳା ସମିନା ବେଗମଙ୍କ ପୁଅ ସେକ ନାସିରୁଲ୍ଲାକୁ ପୋଲିସ ଉଠାଇନେଇଥିବା ସେ ଦେଖିଥିଲେ ମଧ୍ୟ ପୋଲିସ ନେଇ ନ ଥିବା କହିଥିଲା। ଏ ନେଇ ଗ୍ରାମରେ ମହିଳା ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମ୍ମିଳନୀରେ ମହିଳାମାନେ କହିଥିଲେ, ଗଞ୍ଜେଇ ବେପାରୀ, ଗୋରୁ ବ୍ୟବସାୟଙ୍କୁ ଗିରଫ କରୁ ଆମର କିଛି କହିବାର ନାହିଁ। କିନ୍ତୁ ଦିନରେ ରାତିରେ ବାରମ୍ବାର ଗ୍ରାମକୁ ପୋଲିସ ଗାଡ଼ି ଆସି ଖରାପ ବ୍ୟବହାର, କଲେଜ ପିଲାଙ୍କୁ ପଚରାଉଚରାକରି ଭୟଭୀତ ନ କରୁ ବୋଲି କହି ଏ ନେଇ ମୁଖ୍ୟମନ୍ତ୍ରୀ, କଟକ ଏସ୍‌ପି, ଡିଜି ଦୃଷ୍ଟିଦେବାକୁ କହିଥିଲେ। ଯଦି ଏଥିପ୍ରତି ନଜର ଦିଆ ନ ଯାଏ ଆଗାମୀଦିନରେ ସଂଖ୍ୟାଲଘୁ ମହିଳାମାନେ ରାଜରାସ୍ତାକୁ ଆସି ବିରୋଧ କରିବେ ବୋଲି କହିଥିଲେ। ଏ ନେଇ ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କୁ ପଚାରିବାରେ କାହାକୁ ଖରାପ ବ୍ୟବହାର କରାଯାଇନାହିଁ ବୋଲି କହିବା ସହ ମୋ ଉପରିସ୍ଥ ଅଧିକାରୀଙ୍କୁ ଯାଇ ସେମାନେ ଅଭିଯୋଗ କରନ୍ତୁ ବୋଲି କହିଥିଲେ। ସୂଚନାଯୋଗ୍ୟ, ୨୦୨୪ ଡିସେମ୍ବର ୧୦ରେ କଟକ ଏସ୍‌ପିଙ୍କ ନିର୍ଦ୍ଦେଶରେ କରଡ଼ାପଲ୍ଲୀ ନିକଟସ୍ଥ ବାରମାଣବନ୍ଧ ସଂଲଗ୍ନ ଜଙ୍ଗଲରୁ ଶତାଧିକ ଗୋରୁଙ୍କୁ ପୋଲିସ ଉଦ୍ଧାରକରି ଗୋଶାଳା ଓ ସାଧାରଣ ଲୋକଙ୍କୁ ବାଣ୍ଟିଥିଲା।

## ପ୍ରଚଣ୍ଡ ଶବ୍ଦରେ କମ୍ପିଲା ଚୌଦ୍ୱାର, ଲୋକେ ଭୟଭୀତ

**ଚୌଦ୍ୱାର,୧୫।୧(ଆଶୁତୋଷ ଦାସ):** ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳରେ ବୁଧବାର ସକାଳ ପ୍ରାୟ ସାଢେ ୭ଟାରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଏହି ଶବ୍ଦରେ କିଛି ସମୟ ପାଇଁ ଘରର ଝରକା, କବାଟ, ଖଟ, ଆଲ୍‌ମିରା ଆଦି ଦୋହଲି ଯାଇଥିଲା। ଫଳରେ ଲୋକମାନେ ଭୟଭୀତ ହୋଇ ଘର ଭିତରୁ ବାହାରକୁ ପଳାଇ ଆସିଥିଲେ। ପ୍ରଥମେ ଲୋକମାନେ ଏହାକୁ ଭୂମିକମ୍ପ ଅଥବା ବଡ଼ଧରଣର ବିସ୍ଫୋରଣ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଚୌଦ୍ୱାରସ୍ଥିତ ଇମ୍ଫା କାରଖାନା ଭିତରୁ ଏଭଳି ଶବ୍ଦ ବାହାରିଥିବା ଜଣାପଡିବା ଫଳରେ ଲୋକେ ଆଶ୍ୱସ୍ତି ଲାଭ କରିଥିଲେ। କାରଖାନା ପରିସରରେ ଥିବା ଏକ ଫର୍ନେସ୍ କୌଣସି କାରଣରୁ ଫାଟିଯିବାରୁ ଏଭଳି ଶବ୍ଦ ହୋଇଥିବା ଜଣାପଡିଛି। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା କିମ୍ବା ଜୀବନହାନି ଘଟି ନ ଥିବା କାରଖାନାର ଉପ-ପ୍ରବନ୍ଧକ ଧ୍ରୁବ ଚରଣ ରାଉତ କହିଛନ୍ତି।

## ମଣ୍ଡି ଉଦ୍‌ଘାଟନ ପରେ ବି ଉଠିପାରିଲାନି ଧାନ

କଟକ ସଦର,୧୫।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ସମିତି ଓ କିଶୋର ନଗର ସମବାୟ ସମିତିର ଧାନମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ଉଭୟ ସ୍ଥାନରେ ଧାନର ମାନ ଓ ଆର୍ଦ୍ରତାକୁ ନେଇ ମିଲର ଏବଂ ଚାଷୀଙ୍କ ମଧ୍ୟରେ ସହମତି ପ୍ରକାଶ ପାଇ ନ ପାରିବାରୁ ମଣ୍ଡିରୁ ଧାନ ଉଠିପାରିଲାନି। କୁଇଣ୍ଟାଲ ପିଛା ୬ରୁ ୮ କିଲୋ ଧାନ କଟ୍‌ନିଛଟ୍‌ନି ପାଇଁ ମିଲର ସର୍ତ୍ତ ଆରୋପ କରିବାରୁ ଏଥିରେ ଚାଷୀମାନେ ରାଜି ହୋଇ ନ ଥିଲେ। ଏହି ଅଚଳାବସ୍ଥା ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା। କନ୍ଦରପୁରଠାରେ ଅନୁଷ୍ଠିତ ମଣ୍ଡି ଉଦ୍‌ଘାଟନ ସମାରୋହରେ ସମବାୟ ସମିତି ସଭାପତି ରାଜୀବ କୁମାର ବେଉରା, ଉପ-ସଭାପତି ପ୍ରମିଳା ବେହେରା, ପରିଚାଳନା ନିର୍ଦ୍ଦେଶକ ଧୀରେନ ଦାଶ, ନିର୍ଦ୍ଦେଶକ ହିତପ୍ରକାଶ ପରିଡ଼ା, ପ୍ରଶାନ୍ତ କୁମାର ତରାଇ, ଉଲ୍ଲାସ ହାତୀ, ନିରଞ୍ଜନ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଶୋର ନଗରଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସମବାୟ ସମିତି ସଭାପତି ବିରଞ୍ଚି କୁମାର ପଣ୍ଡା, ଉପସଭାପତି ବାବୁଲାଲ ନାୟକ, ସୁରେଶ ବିଷୋୟୀ, ସମ୍ପାଦକ ଚନ୍ଦ୍ରଶେଖର ରାଉତ, ନବଘନ ନାୟକ, ଦୁଷ୍ମନ୍ତ ବିଷୋୟୀ, ଗୌରାଙ୍ଗ ସେଠୀ, ଧ୍ରୁବଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନେତାଜୀ ସ୍ମାରକୀ ପୀଠ, ବିଜୁ ପଟ୍ଟନାୟକ ପାର୍କ ଖୋଲାଯାଉ

କଟକ,୧୫।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ବିଶେଷକରି ଐତିହାସିକ ନେତାଜୀ ସ୍ମାରକୀ ପୀଠ, ସିଡିଏ ସେକ୍ଟର-୧୧ସ୍ଥିତ ବିଜୁ ପଟ୍ଟନାୟକ ପାର୍କର ଉନ୍ନତି ଓ ନବୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ପୂର୍ଣ୍ଣାଙ୍ଗ ହୋଇ ପାରୁନାହିଁ। ତୁରନ୍ତ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲାଯିବା ପାଇଁ କଟକ ନଗର କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନାମ ଚରଣ ପାତ୍ରଙ୍କୁ ଭେଟି ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ କଂଗ୍ରେସର ପୂର୍ବତନ ନଗର ସଭାପତି ଗିରିବାଳା ବେହେରା କହିଛନ୍ତି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମନ୍ଥର ଗତିରେ କରାଯାଉଛି। ସିଏମ୍‌ସି କର୍ତ୍ତୃପକ୍ଷ ମନମାନି ନ କରି ତୁରନ୍ତ ଏହି କାର୍ଯ୍ୟ ଶେଷ କରନ୍ତୁ। ନଚେତ୍ କଂଗ୍ରେସ ପକ୍ଷରୁ କଡ଼ା ଜବାବ ଦିଆଯିବ। ଅପରପକ୍ଷରେ କମିଶନର ପାତ୍ର କହିଛନ୍ତି, ଉପରୋକ୍ତ ଦୁଇଟି ପ୍ରକଳ୍ପର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମେ



କଂଗ୍ରେସ ପ୍ରତିନିଧିମଣ୍ଡଳୀ ସିଏମ୍‌ସି କମିଶନରଙ୍କ ସହିତ ଆଲୋଚନା କରୁଛି।

**ସିଏମ୍‌ସି କମିଶନରଙ୍କୁ ଦାବିପତ୍ର**

ନେତାଜୀ ଜୟନ୍ତୀ ପୂର୍ବରୁ ନେତାଜୀ ସ୍ମାରକୀ ପୀଠକୁ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବ। ଏହାପରେ ଜାନୁଆରୀ ଶେଷ ସୁଦ୍ଧା ବିଜୁ ପଟ୍ଟନାୟକ ପାର୍କର କାର୍ଯ୍ୟ ଶେଷ ହେବା ମାତ୍ରେ ସର୍ବସାଧାରଣ ପାଇଁ ଖୋଲାଯିବ ବୋଲି ପାତ୍ର କହିଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଆହ୍ୱାନକ୍ରମେ ଦାବିପତ୍ର ପ୍ରଦାନବେଳେ କଂଗ୍ରେସର ବରିଷ୍ଠ ନେତ୍ରୀ ଶୈଳବାଳା ଜେନା, କର୍ପୋରେଟର ସନ୍ତୋଷ ଭୋଳ, ଲିଜା ରାଉତ, ଜେ. କାମେଶ ରାଓ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡ଼ା, ବରିଷ୍ଠ ନେତା କେଦାର ପୃଷ୍ଟି, ଅଜିତ୍ ବେହେରା, ଚନ୍ଦନ ଦାସ ଓ ବିକି ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

**ଫଟୋରେ ଖବର**



କଟକ ଜୁଡିସିଆଲ ଏକାଡେମୀ ସମ୍ମୁଖ ଆଇନଜୀବୀଙ୍କ ପାଇଁ ନୂତନ ପାର୍କିଂ ସ୍ଥାନରେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଚାରାରୋପଣ କରୁଛନ୍ତି।




କଟକ ଶତାବ୍ଦୀ ଭବନରେ ଅଧିବକ୍ତା ପରିଷଦ ଓଡ଼ିଶା ହାଇକୋର୍ଟ ୟୁନିଟ୍ ଓ କଟକ ଜିଲା ୟୁନିଟ୍ ପକ୍ଷରୁ ଯୁବ ଆଇନଜୀବୀ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ ‘ତୁ ମୋ ଆଖିର ତାରା’ର ଏକ ଦୃଶ୍ୟ।

## ମାଡ଼ମାରି ଟଙ୍କା ଲୁଟ୍ ଘଟଣା, ୨ ଗିରଫ

ଜଟଣୀ (ରବୀନ୍ଦ୍ରନାଥ ମହାକୁଡ଼): ମାଡ଼ମାରି ଟଙ୍କା ଲୁଟ୍ ଘଟଣାରେ ଜଟଣୀ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ବାଛରାପାଟଣା ଅଞ୍ଚଳର ମିଥୁନ ଘଡେଇ(୨୭) ଏବଂ ସେହି ଅଞ୍ଚଳର ରାକେଶ କୁମାର ମଙ୍ଗରାଜ(୩୦)। ଏମାନଙ୍କ ନିକଟରୁ ଏକ ବାଇକ୍ ଏବଂ ନଗଦ ୧୦,୫୦୦ଟଙ୍କା ଜବତ ହୋଇଛି। ସୂଚନା ମୁତାବକ, ଗତ ୧୨ ତାରିଖରେ ତୋଫାନ ନାୟକ ସ୍ଥାନୀୟ ଏକ ଘରୋଇ ବିଶ୍ୱବିଦ୍ୟାଳୟରୁ ଫେରୁଥିବା ବେଳେ ଉପରୋକ୍ତ ଦୁଇ ଅଭିଯୁକ୍ତ ତାଙ୍କୁ ଅଟକାଇ ବାଇକ୍‌ରେ ଏକ ନିଛାଟିଆ ସ୍ଥାନକୁ ନେଇ ମାଡ଼ ମାରିବା ସହିତ ଟଙ୍କା, ସୁନାମୁଦି ନେଇଯାଇଥିଲେ।

## ସଂକ୍ଷେପରେ

### ଜଳିଗଲା ୩ ବଖରା

ଟାଙ୍ଗୀ, ୧୫।୧ (ରଘୁନାଥ ସାହୁ): ଟାଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ବିନ୍ଧାଣିଆ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ଶତ୍ରୁଘ୍ନ ସାହୁଙ୍କ ୩ ବଖରା ଜଳିଯାଇଛି। ଏଥିସହ ଘରର ଆସବାବପତ୍ର ସହିତ ୨୫ ଧାନବସ୍ତା ପୋଡ଼ି ନଷ୍ଟ ହୋଇଯାଇଛି। ଟାଙ୍ଗୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସାମାଜିକ କର୍ମୀ ତଥା ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ଅଗ୍ନିବିପନ୍ନ ପରିବାରଙ୍କୁ ୫ହଜାର ଟଙ୍କା ପ୍ରଦାନ କରିଛନ୍ତି। ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା କ୍ଷତିଗ୍ରସ୍ତ ପରିବାରକୁ ୫ହଜାର ଟଙ୍କା ଏବଂ ୫୦ କେଜି ଚାଉଳ ଯୋଗାଇଦେବା ସହ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାଜସ୍ୱ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

### ୧୨ ଚାଷୀ ଦେଲେ ୩୯୦ କୁଇଣ୍ଟାଲ ଧାନ

ଟାଙ୍ଗୀ, ୧୫।୧ (ରଘୁନାଥ ସାହୁ): ଟାଙ୍ଗୀ ସମବାୟ ସମିତି ପରିସରରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ କିଶୋର କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସମବାୟ ସମିତି ସଭାପତି ମହେନ୍ଦ୍ର କୁମାର ସାହୁ, ସମ୍ପାଦକ ଚନ୍ଦ୍ରଶେଖର ସାହୁ, ରେଭିନ୍ୟୁ ଇନ୍ସପେକ୍ଟର ଦୀପକ ପରିଡ଼ା, ଗ୍ରାମ ସେବକ ସଞ୍ଜୀବ ରାଉତରାୟ, ବାଲୁଗାଁ ନିୟନ୍ତ୍ରିତ ବଜାର କମିଟି ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ପରିଡା, ସୁପରଭାଇଜର ମନୋରଞ୍ଜନ ବିଶ୍ୱାଳ, ଜଗନ୍ନାଥ ରାଇସ ମିଲ୍‌ର ଜୟରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କଠାରୁ ୩୯୦ କୁଇଣ୍ଟାଲ ଧାନ କିଣାଯାଇଛି। ପଞ୍ଚାୟତର ବରିଷ୍ଠ ଚାଷୀ ଦୁଃଶାସନ ବିଶ୍ୱାଳ, ମିଟନ ରାଉତ, ଗୁଣ୍ଡିଚା ପରିଡା, ଭାସ୍କର ପ୍ରସାଦ ମହାନ୍ତି, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଡ଼ାପଡ଼ା ସେମିଫାଇନାଲରେ

ବେଗୁନିଆ, ୧୫।୧ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ମା' ତାରିଣୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ପୋଡ଼ାପଡ଼ା ଏବଂ ବାଙ୍କୀ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ପୋଡ଼ାପଡ଼ା ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସଗିର ଅହମ୍ମଦ ମ୍ୟାଚ ପରିଚାଳନା କରିଥିବା ବେଳେ ମିଥୁନ ପରିଡ଼ା ଏବଂ ପ୍ରକାଶ ନାୟକ ସହଯୋଗ କରିଥିଲେ। ପୂର୍ବତନ ଫୁଟ୍‌ବଲ ଖେଳାଳି ଅନ୍‌ସୁର ଅଲ୍ଲୀ ମୁଖ୍ୟ ଅତିଥି ଏବଂ ଶିକ୍ଷକ ନିରଞ୍ଜନ ଛାଟୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାଘମାରୀ ଓ ନିଧିପୁର କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ସିମୋରକୁ ହରାଇ ହଳଦିଆ ସେମିରେ

ବାଘମାରୀ, ୧୫।୧ (ମିହିର ରଞ୍ଜନ ମହାପାତ୍ର): ସିମୋର ପଞ୍ଚାୟତ ମା' ଗଙ୍ଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ସିମୋର ଓ ହଳଦିଆ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ହଳଦିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୪ରନ ସଂଗ୍ରହ କରିଥିଲା। ଜବାବରେ ସିମୋର ଟିମ୍ ୧୮ ଓଭରରେ ୭ ଉଇକେଟ ବିନିମୟରେ ୧୨୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ହଳଦିଆ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ହଳଦିଆ ଟିମ୍‌ର ବୁଲୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ନରେଶ କୁମାର ଜେନା ଏବଂ ପ୍ରକାଶ ମାର୍ଥା ମ୍ୟାଚ ପରିଚାଳନା କରିଥିଲେ। ଚିନ୍ମୟ ମହାନ୍ତି ଏବଂ ମିହିର ମହାପାତ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଦେବାଶିଷ ଜେନା ଏବଂ ବିଶ୍ୱଜିତ୍ ପଟ୍ଟନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବିଙ୍କୁଡିଆ ଏବଂ ଗୋଡ଼ା କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକଙ୍କପକ୍ଷରୁ କୁହାଯାଇଛି।

# କଳା, ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ମହୋତ୍ସବ

ବାଘମାରୀ/ବେଗୁନିଆ, ୧୫।୧ (ମିହିର ରଞ୍ଜନ ମହାପାତ୍ର/ସନ୍ଧ୍ୟାରାଣୀ ମିଶ୍ର)



ଅତ୍ରି ମକର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ଅତ୍ରି ମକର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ଅନୁଷ୍ଠିତ ମକର ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ବିଧାୟକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ମୁଖ୍ୟବକ୍ତା ପ୍ରକାଶ ଚନ୍ଦ୍ର ବିଜୁଳି, ରବୀନ୍ଦ୍ର ସୁବୁଦ୍ଧି, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ କୁମାର ବିଶି, ବେଗୁନିଆ ଥାନାଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ସରପଞ୍ଚ ମାନସ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ମହୋତ୍ସବ ଏ ମାଟିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ଭାଇଚାରାକୁ ଉଜ୍ଜୀବିତ କରେ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ସନ୍ତୋଷ ମହାପାତ୍ର ସ୍ୱାଗତ ଭାଷଣ ଏବଂ ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଚିତ୍ରଶିଳ୍ପୀ ଦୁର୍ଗା ପ୍ରସାଦ ବାରିକ, ନୃତ୍ୟ ଶିଳ୍ପୀ ସାଇ ସୌମ୍ୟକାନ୍ତ, ଅଙ୍ଗନୱାଡି କର୍ମୀ ଶ୍ରୀଦେବୀ ପାତ୍ର, ଫାର୍ମାସିଷ୍ଟ ଗୌତମ ସାମନ୍ତରାୟ ପ୍ରମୁଖଙ୍କୁ ମକର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରବଚକ କୈଳାସ ପଣ୍ଡା ମଙ୍ଗଳା ଚରଣ ପାଠ ଏବଂ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସୁଧାକର ସେଠୀ, ସମାଜସେବୀ ପ୍ରଶାନ୍ତ ବେହେରା, ନବ କିଶୋର ଖୁଣ୍ଟିଆ, ସୁଶାନ୍ତ ରଣା, ଯଶରାଜ ସାହୁ, ସାଗର ବରାଳ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ, ମଡର୍ନ ଡ୍ୟାନ୍ସ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

# ଓଡ଼ିଆ ଭାଷା, ସାହିତ୍ୟକୁ ସମୃଦ୍ଧ କରିଛି କବିତା

ବାଘମାରୀ/ବେଗୁନିଆ, ୧୫।୧ (ମିହିର ରଞ୍ଜନ ମହାପାତ୍ର/ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର): ଅତ୍ରିସ୍ଥିତ ମକରମେଳା ପରିସରରେ ବୁଧବାର ପ୍ରମୁଖ ସାହିତ୍ୟ ସଂସଦ 'କୃଷ୍ଣଚୂଡ଼ା' ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସଂସଦର ସମ୍ପାଦକ ଗୋପୀନାଥ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ ସୁବୁଦ୍ଧି ବକ୍ତା, କବି ଦିବ୍ୟଲୋଚନ ଭାରିମଲ୍ଲ ଏବଂ ରବିନାରାୟଣ ମଙ୍ଗରାଜ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବସନ୍ତ ଦାସ ମଙ୍ଗଳାଚରଣ ପାଠ କରିବା ପରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କବି ଜଗଦୀଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଜମ୍ବେଶ୍ୱର ମଙ୍ଗରାଜଙ୍କ ସଂଯୋଜନାରେ ଆୟୋଜିତ ସଭାରେ 'ନୂଆବର୍ଷର ଅନୁଚିନ୍ତା' ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ହୋଇଥିଲା। ଜଣେ କବିଙ୍କର ଚିନ୍ତନ ଓ ଲେଖନୀ ମୁନରେ କବିତା ସଙ୍କଳନ ଆମ ଓଡ଼ିଆମାନଙ୍କ ହୃଦୟକୁ ସ୍ପର୍ଶ କରିଥାଏ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛି କବିତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର, ଗୀତିକାର ଲକ୍ଷ୍ମୀଧର ମହାରଣା, ଗାୟକ ପ୍ରଦୀପ କିଶୋର ତ୍ରିପାଠୀ, କବି ଶ୍ରୀକୁମାର ସାହୁ, ଧନଞ୍ଜୟ ମହାପାତ୍ର, ଅମୂଲ୍ୟ ଦାସ, ବିନୋଦ ବିହାରୀ ରାଉତରାୟ, ଗଙ୍ଗାଧର ଓଝା, ମାନସୀ ଦାସ, ସୋମନାଥ ସାହୁ, ବସନ୍ତ ସାହୁ, ରାମଚନ୍ଦ୍ର ସାହୁ, ବିମ୍ବାଧର ମହାରଣା, ପଦ୍ମାଳୟା ମହାପାତ୍ର, ଭକ୍ତବଲ୍ଲଭ ପଟ୍ଟନାୟକ, ନୃସିଂହ ଛୋଟରାୟଙ୍କ ସମେତ ୬୦ଜଣ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଆର୍ଦ୍ରଭୂମି ସଂରକ୍ଷଣ ଦ୍ୱାରା ମୃତ୍ତିକା, ଜଳ ସଂରକ୍ଷିତ ହୁଏ

ବୋଲଗଡ଼, ୧୫।୧ (ଦେବବ୍ରତ ହୋତା)



ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପରିବେଶ ଶିକ୍ଷଣକେନ୍ଦ୍ର ଆନୁକୂଲ୍ୟରେ ଏକଦିବସୀୟ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କର୍ମଶାଳା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷଣକେନ୍ଦ୍ରର ସହକାରୀ ଯୋଜନା ଅଧିକାରୀ ଭରତ ଚନ୍ଦ୍ର ଜେନା ଯୋଗଦେଇ ଆର୍ଦ୍ରଭୂମିଗୁଡ଼ିକ ପୃଥିବୀର ବୃକକ୍ ସଦୃଶ। ଏହା ଜଳ ସଂରକ୍ଷଣ ଓ ବିଶୋଧନ କରିବା ସହ ମୃତ୍ତିକା ସଂରକ୍ଷଣରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥାଏ। ଏଥିନେଇ ଆର୍ଦ୍ରଭୂମିଗୁଡ଼ିକର ସଂରକ୍ଷଣ ନିହାତି ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ସମ୍ମାନିତ ଅତିଥି ଶିକ୍ଷୟିତ୍ରୀ ହିମାଦ୍ରି ମହାପାତ୍ର, ପୂର୍ବତନ ସମିତିସଭ୍ୟ ନବଘନ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ରଘୁନାଥ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବ୍ୟାନର ଏବଂ ପ୍ଲାକାର୍ଡ ଧରି ପରିବେଶ ସୁରକ୍ଷା ଓ ଆର୍ଦ୍ରଭୂମି ସଂରକ୍ଷଣ ନେଇ ସଚେତନତା ରାଲିରେ ଟାଙ୍ଗୀସାହି ଗ୍ରାମ ଓ ବଜାର ପରିକ୍ରମା କରିଥିଲେ। ପରିବେଶ ସୁରକ୍ଷା ଏବଂ ନିର୍ମଳ ଜଳ ପାଇଁ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ନିକଟ ପୋଖରୀରୁ ଦଳ ନିଷ୍କାସନ କରିବା ସହ ଗାଧୁଆ ତୁଠ ପରିଷ୍କାର କରାଯିବା ପରେ ହୁଡାରେ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ପୋଖରୀ ହୁଡ଼ାରେ ଅନୁଷ୍ଠିତ ପରିବେଶ କର୍ମଶାଳାରେ ମୁଖ୍ୟଅତିଥି ଜେନା ଚାରାରୋପଣ ମାଧ୍ୟମରେ ଆର୍ଦ୍ରଭୂମି ସଂରକ୍ଷଣ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରତିଭା ରଣସିଂହ ଧନ୍ୟବାଦ ଦେଇଥିଲେ।

# ବାବା ଆଖଣ୍ଡଳମଣିଙ୍କ ପୀଠରେ ମକରମେଳା

ବାଣପୁର, ୧୫।୧ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡାଠାରେ ବାବା ଆଖଣ୍ଡଳମଣିଙ୍କ ବାର୍ଷିକ ମକର ମେଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମକର ମେଳାରେ ବିଭିନ୍ନ ଦୋକାନ ପସରା ମେଳିଥିଲା। ନାମ ସଂକୀର୍ତ୍ତନ ସହିତ ପାଲା ପରିବେଷଣ ହୋଇଥିଲା। ରାତିରେ ସାମାଜିକ ନାଟକ ପରିବେଷଣ ହୋଇଥିଲା। ବୁଧବାର ମଧ୍ୟାହ୍ନରେ ରାମ ନାଟକ ସହିତ ଭାରତ ଲୀଳା ପରିବେଷଣ ହୋଇଥିଲା।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ବାଣପୁର, ୧୫।୧ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡାସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ୬୪ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ସୁରେନ୍ଦ୍ର ନାଥ ଦାସ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଗମ୍ଭାରୀମୁଣ୍ଡା ପଞ୍ଚାୟତ ସମିତିସଭ୍ୟା ଅନିତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ହୋତା ଯୋଗଦେଇଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ହରିଚନ୍ଦନ ବିଦ୍ୟାଳୟର ବିକାଶ ଦିଗରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଶିକ୍ଷକ ତ୍ରିନାଥ ହୋତା ସଂଯୋଜନା କରିଥିଲେ। ବିଭିନ୍ନ ବର୍ଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା/ ଜଟଣୀ, ୧୫।୧ (ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ରନାଥ ମହାକୁଡ଼): ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୬୦୦ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର ଏହାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମେଜର କ୍ଷୀରୋଦପ୍ରସାଦ ମହାନ୍ତି, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁଧାଂଶୁବାଳା ରାଉତ ସଂଯୋଜନା କରିଥିଲେ। ଲକ୍ଷ୍ମୀନାରାୟଣ ସାମନ୍ତ, ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜଟଣୀ ବ୍ଲକ ଅନ୍ତର୍ଗତ ଅଧୀନ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଦିଲୀପ ଜେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସୋନାଲି ସାମନ୍ତସିଂହାର ଏବଂ ପୂଜା ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ସୁନିଶ୍ଚିତ ଯୋଜନା କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୧୫।୧ (ପ୍ରଭାତ ପାଣିଗ୍ରାହୀ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଯେପରି ୯୦%ରୁ ଊର୍ଦ୍ଧ୍ୱ ମାର୍କ ରଖି ଜିଲାର ସୁନାମ ରକ୍ଷା କରିବେ, ସେଥିପାଇଁ ବିଜେବି ଉଚ୍ଚ ବିଦ୍ୟାଳୟଠାରେ ଖୋର୍ଦ୍ଧା ବ୍ଲକ ଅଧୀନ ୩୨ଟି ଉଚ୍ଚ ବିଦ୍ୟାଳୟର ୬୪ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷାଦାନ 'ସୁନିଶ୍ଚିତ ଯୋଜନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମାନସିକ ପ୍ରସ୍ତୁତିକୁ ସୁଦୃଢ଼ ତଥା ପ୍ରତି ବିଷୟର ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ, ଏକାଗ୍ରତା ଏବଂ ସଙ୍କଳ୍ପ ମନୋଭାବର ଆଶୀର୍ବଚନ ପ୍ରଦାନ କରିଥିଲେ। ସମ୍ବଳ ଶିକ୍ଷକଭାବେ ପ୍ରଦୀପ ପ୍ରଧାନ, ବିଭୁପ୍ରସାଦ ସେନାପତି, ପ୍ରଭାକର ସାହୁ ଓ ବିଭୂତି ଜେନା, ସୁଧାକର ମହାପାତ୍ର, ପ୍ରକାଶ କୁମାର ପଲାଇ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ସମାଧାନ କରିବା ସହ ପିଲାମାନଙ୍କୁ ୯୦% ମାର୍କରୁ ତଦୂର୍ଦ୍ଧ୍ୱ ରଖିବା ପାଇଁ କୌଶଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲାର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଏବଂ ଅଭିଭାବକମାନେ ପ୍ରଶଂସା କରିଛନ୍ତି।

# ହାତୀପଲ ନଷ୍ଟକଲେ ଧାନ

ବେଗୁନିଆ, ୧୫।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡା ଗ୍ରାମରେ ୧୬ଟିକିଆ ହାତୀପଲ ପଶି ଚାଷୀଙ୍କ ଅମଳ ଧାନ ନଷ୍ଟ କରିବା ସହ ପାଚେରି ଭାଙ୍ଗି ଦେଇଛନ୍ତି। ମଙ୍ଗଳବାର ରାତିରେ ଚାଷୀ ଶ୍ରୀକାନ୍ତ ଦାସଙ୍କ ୧୫ରୁ ଊର୍ଦ୍ଧ୍ୱ ଧାନ ବସ୍ତା ନଷ୍ଟ କରିଥିବା ବେଳେ ତାରେଶ୍ୱର ମାର୍ଥାଙ୍କ ଧାନ କଲେଇ ସହ ପାଚେରି ଭାଙ୍ଗି ଦେଇଛନ୍ତି। ସେହିପରି ରାଉତପଡା ନିକଟ ଲୋକିପୁର ଗ୍ରାମରେ ପଶି ସନ୍ତୋଷ ବଳିୟାରସିଂହଙ୍କ ୮ବସ୍ତା ଧାନ ଖାଇବା ସହିତ ୨୦ଟି କଳେଇ ଦଳିଚକଟି ନଷ୍ଟ କରିଦେଇଛନ୍ତି। ମଧୁ ନାୟକଙ୍କ ୭ବସ୍ତା ଧାନ ଏବଂ ବାସୁ ନାୟକଙ୍କ ୬ ବସ୍ତା ଧାନ ଖାଇବା ସହିତ ନଷ୍ଟ କରିଦେଇଛନ୍ତି। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

# ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୋଲଗଡ଼, ୧୫।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବୁଧବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୪୬୯ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଏବିଡିଓ ଡ.ରତିକାନ୍ତ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରିଣୀ ପୂଜା ପୁଷ୍ପାଞ୍ଜଳି ଖଟୋଇ, ଦେବକାନ୍ତ ଗୁରୁ, ମିତା ପ୍ରଧାନ, ଶ୍ରୀକାନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ପଞ୍ଜୀକୃତ ଶାରୀରିକ ବିକଳାଙ୍ଗ ୨୧୦ ଜଣ, ଶ୍ରବଣ ବାଧିତ ୯୭ ଜଣ, ଦୃଷ୍ଟିବାଧିତ ୪୮ଜଣ ଏବଂ ମାନସିକ ଅନଗ୍ରସର ୧୧୪ଜଣ ଦିବ୍ୟାଙ୍ଗଙ୍କୁ ସମ୍ପୃକ୍ତ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରମାଣପତ୍ର ଓ ସହାୟତା ଯୋଗାଇବା ପାଇଁ ସୁପାରିସ କରିଥିଲେ। ୨୬ଜଣ ଦିବ୍ୟାଙ୍ଗଙ୍କୁ ବସ୍ ପାସ, ୧୦ଜଣଙ୍କୁ ବ୍ୟବସାୟ କିମ୍ବା ଅନ୍ୟ କାର୍ଯ୍ୟ ପାଇଁ କମ୍ ସୁଧରେ ଋଣ ସହାୟତା ଏବଂ ୬ ଜଣଙ୍କୁ ସହାୟକ ଉପକରଣ ପ୍ରଦାନ କରାଯିବ। ଏଥିସହ ଏହି ଶିବିରରେ ବ୍ଲକର ୧୯ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ପଞ୍ଜୀକରଣରେ ସହାୟତା କରିଥିଲେ।

# ହିନ୍ଦୁସ୍ତାନ ହିରୋଜ ଫୁଟ୍‌ବଲ ଏକାଡେମୀ କୋଲ୍‌କାତା ସେମିରେ

ନିରାକାରପୁର, ୧୫।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ସଖା ସଂଘ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ୩୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ଏସ୍‌ପିଏମ୍ ବିଶାଖାପାଟଣା ଏବଂ ହିନ୍ଦୁସ୍ତାନ ହିରୋଜ ଫୁଟ୍‌ବଲ ଏକାଡେମୀ ବେହେଲା କୋଲକାତା ମଧ୍ୟରେ ହୋଇଥିଲା। ୧-୦ ଗୋଲରେ ହିନ୍ଦୁସ୍ତାନ ହିରୋଜ ଫୁଟ୍‌ବଲ ଏକାଡେମୀ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସେକାଓ୍ୱତ ଅଲ୍ଲୀ ଖାଁ, ଶିବ ସାମନ୍ତରାୟ, ସୁକାନ୍ତ କୁମାର ପ୍ରଧାନ, ଓମ୍ ପ୍ରକାଶ ମିଶ୍ର, ଅକ୍ଷୟ କୁମାର ପଟ୍ଟନାୟକ, ଗଙ୍ଗାଧର ପଟ୍ଟନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ପୂର୍ବତନ ବିଧାୟକ ଦିଲୀପ କୁମାର ଶ୍ରୀଚନ୍ଦନ, ଡା. ଜସ୍ମିନ ମାଝୀ, ନୂଆଗଡ଼ ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ମହାରଣା, ସାମାଜିକ କର୍ମୀ ମାନସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବେଷ୍ଟ ଗୋଲକିପର, ବେଷ୍ଟ ପ୍ଲେୟାର ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ କମଳଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ବିଭିନ୍ନ ସମସ୍ୟାର ସମାଧାନକୁ ଗୁରୁତ୍ୱ

ଜଟଣୀ, ୧୫।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦର ୨୧ତମ ବୈଠକ ନଗରପାଳ ଅନନ୍ତ ବେହେରାଙ୍କ ପୌରୋହିତ୍ୟରେ ବୁଧବାର ପୌର ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କ ସହିତ ପୌରାଞ୍ଚଳର ବିଭିନ୍ନ ୱାର୍ଡର କାଉନ୍‌ସିଲର ଏବଂ ପୌର କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜଟଣୀରେ ନିର୍ମିତ ଓଭରବ୍ରିଜ୍ ଏବଂ ବର୍ତ୍ତମାନ ବ୍ରିଜ୍ ଉପରେ ହୋଇଥିବା ନିମ୍ନମାନର ପିଚୁ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିଲା। ସହରର ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଆଲୋଚନା ହୋଇଥିଲା। ସେହିପରି ପୌରାଞ୍ଚଳରେ ୮୦ବର୍ଷରୁ ଊର୍ଦ୍ଧ୍ୱ ୧୬୯ ହିତାଧିକାରୀଙ୍କୁ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ୫୧ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଇନ୍ଦିରାଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୮୦ ବର୍ଷରୁ ଊର୍ଦ୍ଧ୍ୱ ୧୩୩ ହିତାଧିକାରୀଙ୍କୁ ମଧୁବାବୁ ପେନସନ ପ୍ରଦାନ ସହିତ ୫୪ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ପେନସନ ପ୍ରଦାନ କରାଯାଇଥିବା ପୌର ପରିଷଦ ପକ୍ଷରୁ ନଗରପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଆରତି ରାଉତ, ଦୀପକ ରଥ ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲାରେ ଉପକୃତ ହେବେ ୧୯,୧୦୬ ହିତାଧିକାରୀ

ଖୋର୍ଦ୍ଧା, ୧୫।୧ (ପ୍ରଭାତ ପାଣିଗ୍ରାହୀ)



ଜଣେ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରଠାରେ ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ୮୦ବର୍ଷ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ୮୦% ତଥା ଅଧିକ ଦିବ୍ୟାଙ୍ଗ ହିତାଧିକାରୀମାନେ ୩୫୦୦ ଟଙ୍କା ପାଇବେ। ପୂର୍ବରୁ ସେମାନେ ୧୨୦୦ ଟଙ୍କା ପେନ୍‌ସନ ପାଉଥିବା ବେଳେ ଏଥିରେ ୨୩୦୦ ଟଙ୍କା ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରାଯାଇଛି। ଏହା ଦ୍ୱାରା ଖୋର୍ଦ୍ଧା ଜିଲାରେ ୧୯,୧୦୬ ଜଣ ବ୍ୟକ୍ତି ଉପକୃତ ହେବେ। ସେଥିମଧ୍ୟରୁ ବାଲିଅନ୍ତା ବ୍ଲକର ୧,୬୧୨, ବାଣପୁର ବ୍ଲକର ୧,୫୯୪, ବେଗୁନିଆ ବ୍ଲକର ୧,୬୫୦, ଚିଲିକା ବ୍ଲକର ୧,୬୭୦, ଜଟଣୀ ବ୍ଲକର ୮୧୩, ଖୋର୍ଦ୍ଧା ବ୍ଲକର ୨,୮୩୫, ଟାଙ୍ଗୀ ବ୍ଲକର ୨,୪୬୨, ବାଲୁଗାଁ ଏନ୍‌ଏସି ୧୨୨, ବାଣପୁର ଏନ୍‌ଏସି ୨୦୮, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୧,୩୯୦, ଜଟଣୀ ପୌରାଞ୍ଚଳ ୫୨୯ ଏବଂ ଖୋର୍ଦ୍ଧା ପୌରାଞ୍ଚଳରେ୨୭୨ ଜଣ ରହିଛନ୍ତି।

ଏହିକ୍ରମରେ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବିଜେବି ହାଇସ୍କୁଲ ସମ୍ମିଳନୀ କକ୍ଷରେ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ 'ଜନ ସେବା ଦିବସ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଉପସ୍ଥିତ ଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ପ୍ରିୟଦର୍ଶିନୀ, ଦିଲୀପ କୁମାର ହୋତା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲା ପଞ୍ଚାୟତ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ଦିହାଳ ଏବଂ ବିଭାଗୀୟ କର୍ମଚାରୀମାନେ ପରିଚାଳନା କରିଥିଲେ। ଦୃଷ୍ଟିବାଧିତ ଛାତ୍ରୀ ମୀନାକ୍ଷୀ ଜଗତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳର ଏକାଧିକ ହିତାଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କେତେଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ପେନ୍‌ସନ୍ ପ୍ରଦାନ କରିଥିଲେ।

## ସହରାଞ୍ଚଳ ଆଶ୍ରୟସ୍ଥଳୀ ପାଇଁ ନୂଆ ସହାୟତା ନମ୍ବର

ଭୁବନେଶ୍ୱର,୧୫ା୧(ସୁଚିସ୍ମିତା ସାହୁ)

ଓଡ଼ିଶାର ସହରାଞ୍ଚଳରେ ରହୁଥିବା ବାସହୀନ ଲୋକଙ୍କ ପାଇଁ ନୂଆ ସହାୟତା ନମ୍ବର ଜାରି କରିଛନ୍ତି ରାଜ୍ୟ ସରକାର। ଏନେଇ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ବୁଧବାର ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ୧୩ତମ ରାଜ୍ୟସ୍ତରୀୟ ସହରାଞ୍ଚଳ ଆଶ୍ରୟସ୍ଥଳୀ ମନିଟରିଂ କମିଟିର ରିପୋର୍ଟ ଅନୁସାରେ ଜାରି ହୋଇଥିବା ହେଲ୍ପ ଲାଇନ୍ ନଂ.୯୭୭୭୬୬୮୦୭୧ ଜରିଆରେ କୌଣସି ବି ବାସହୀନ କିମ୍ବା ଅନ୍ୟକେହି ଆଖପାଖରେ ଥିବା ସହରାଞ୍ଚଳ ଆଶ୍ରୟସ୍ଥଳୀ ବାବଦରେ ସୂଚନା ପାଇପାରିବେ। ଏହାକୁ ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନରେ ବଡବଡ ଅକ୍ଷରରେ ଇଂଲିଶ ଏବଂ ଓଡିଆ ଭାଷାରେ ଲେଖି ପୋଷ୍ଟର ଲଗାଇବାକୁ କଟକ, ଭୁବନେଶ୍ୱର ସମେତ ୫ ମହାନଗର ନିଗମ କମିଶନର ଓ ସହରାଞ୍ଚଳ ଆଶ୍ରୟସ୍ଥଳ ପରିଚାଳନା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପର୍ଯ୍ୟଟକଙ୍କୁ ପୋକା କାଜୁ, ନକଲି ପୋସ୍ତ ବିକ୍ରି

### ଚୁପ୍ ବସିଛି ପୋଲିସ ଓ ଖାଦ୍ୟ ସୁରକ୍ଷା ବିଭାଗ

କୋଣାର୍କ, ୧୫ା୧(ଜ୍ୟୋତିରାଜ ମହାନ୍ତି)



ବିଶ୍ୱ ଐତିହ୍ୟ ପର୍ଯ୍ୟଟନସ୍ଥଳ କୋଣାର୍କକୁ ଦୈନନ୍ଦିନ ଦେଶବିଦେଶରୁ ପର୍ଯ୍ୟଟକମାନେ ବୁଲିବାକୁ ଆସିଥାନ୍ତି। ସେମାନେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ଚନ୍ଦ୍ରଭାଗା ବେଳାଭୂମି ବୁଲି ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ତେବେ ରାଜ୍ୟ ଏବଂ ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ବିଭିନ୍ନ ଲୋଭ ଦେଖାଇ ଅସାଧୁ ବ୍ୟବସାୟୀମାନେ ପୋକା କାଜୁ ଓ ନକଲି ପୋସ୍ତ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପୋଲିସ ପ୍ରଶାସନ, ଖାଦ୍ୟ ସୁରକ୍ଷା ଅଧିକାରୀ ଏବଂ ଏନ୍ଏସି କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି।

ସୂଚନା ଅନୁଯାୟୀ, କେଜି ପ୍ରତି ୬୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ପୋକା କାଜୁ ବିକ୍ରି ହେଉଛି। ସେହିପରି ଘାସମଞ୍ଜିକୁ ପୋସ୍ତ କହି ବିକ୍ରି କରାଯାଉଛି। ଏହାକୁ କିଣି ପର୍ଯ୍ୟଟକମାନେ ଠକାମିର ଶିକାର ହେଉଛନ୍ତି। ତେବେ ଅନେକ ପର୍ଯ୍ୟଟକ ଏ ସମ୍ପର୍କରେ ଜାଣିପାରନ୍ତି ନାହିଁ। ସେମାନେ ସମ୍ପୃକ୍ତ ଅସାଧୁ ବ୍ୟବସାୟୀଙ୍କୁ ବିଶ୍ୱାସ କରି ସାମଗ୍ରୀ କିଣିନିଅନ୍ତି। ପରେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥାନ୍ତି। ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଏଭଳି କାରବାର ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର କେତେଜଣ ପର୍ଯ୍ୟଟକ କାଜୁ କିଣି ପ୍ୟାକେଟ ଖୋଲିବା ପରେ ପୋକା କାଜୁ ଥିବା ଦେଖିବାକୁ ପାଇଥିଲେ। ଏହା ଜାଣିପାରି ସମ୍ପୃକ୍ତ ବ୍ୟବସାୟୀ ସେଠାରୁ ଚମ୍ପଟ ମାରିଥିଲେ। ସେହି ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରି ଭିଡିଓ ବାର୍ତ୍ତା ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। କୋଣାର୍କରେ ଦାୟିତ୍ୱରେ ଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତ୍ୟୁଷ ରଞ୍ଜନ ତାରେଣିଆ କହିଛନ୍ତି, ଏ ସମ୍ପର୍କରେ ଅଭିଯୋଗ ପାଇଛି। ସମ୍ପୃକ୍ତ ଅସାଧୁ ବ୍ୟବସାୟୀମାନଙ୍କୁ ଧରିବା ପାଇଁ ମୁଁ ଏକ ଟିମ୍ ଡାକିଛି। ଖୁବ୍ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପହଞ୍ଚିଲାନି ଆମ୍ବୁଲାନ୍ସ, ଚାଲିଗଲା ଜୀବନ

ଅସ୍ତରଙ୍ଗ,୧୫ା୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଜଣେ ମହିଳାଙ୍କ ଶରୀର ଅସୁସ୍ଥ ଥିବାରୁ ପରିବାର ଲୋକେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ, ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କଲେ ହେଲେ ଆମ୍ବୁଲାନ୍ସ ଆସିଲାନି, ଶେଷରେ ମହିଳାଙ୍କ ଜୀବନ ଚାଲିଗଲା। କୌଣସି ଦୁର୍ଗମ ଅଞ୍ଚଳର କଥା ନୁହେଁ, ଏହା ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ଘଟିଛି। ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ମାଳଦା ଗ୍ରାମର ଲୋପାମୁଦ୍ରା ଦାସ (୨୮)ଙ୍କ ଦେହ ଅସୁସ୍ଥ ଥିବାରୁ ସମ୍ପର୍କୀୟ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରେଫରାଲ ନମ୍ବର -୨୩୦୮୭ରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। ସମ୍ପର୍କୀୟ ୧୦୮କୁ ଫୋନ୍ କରିଥିଲେ। ସେମାନେ ଆମ୍ବୁଲାନ୍ସ ପଠାଇବେ କହି ସମୟ ଗଡ଼ାଇ ଚାଲିଥିଲେ। ଫଳରେ ପରିବାର ଲୋକେ ଗୁରୁତର ମହିଳାଙ୍କୁ ଅଟୋ ଯୋଗେ ନେଉଥିବା ବେଳେ ଅତ୍ୟଧିକ ଯନ୍ତ୍ରଣା ହେବାରୁ ପୁଣିଥରେ ଅସ୍ତରଙ୍ଗ ମେଡିକାଲ୍‌କୁ ଫେରାଇ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆମ୍ବୁଲାନ୍ସ ନ ପହଞ୍ଚିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସମ୍ପର୍କୀୟ ଭାଇ କହିଛନ୍ତି, ବାରମ୍ବାର ୧୦୮କୁ ଫୋନ୍ କରିଥିଲେ ମଧ୍ୟ ୨ ଘଣ୍ଟା ଯାଏ ଆସି ନ ଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଛି।

## ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଆଗରେ ଭାସ୍କର୍ଯ୍ୟ ନିର୍ମାଣକୁ ବିରୋଧ



ଭୁବନେଶ୍ୱର,୧୫ା୧(ସୁଚିସ୍ମିତା ସାହୁ)

### କଳା ଫିତା ଦେଖାଇ ନୀରବ ପ୍ରତିବାଦ

ପ୍ରବାସୀ ଭାରତୀୟ ଦିବସ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକସ୍ଥିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ବିଏମ୍‌ସି ପକ୍ଷରୁ ସ୍ଥାପନ କରାଯାଇଥିବା ଭାସ୍କର୍ଯ୍ୟ କଳାକୁ ନେଇ ବିରୋଧ ତୀବ୍ର ହେବାରେ ଲାଗିଛି। ଏହି ଭାସ୍କର୍ଯ୍ୟ ପାଇଁ ବ୍ୟାସ କବିଙ୍କ ପ୍ରତିମୂର୍ତ୍ତି ଲୁଚିଯାଉଥିବାରୁ ଏହାକୁ ସେଠାରୁ ହଟାଇବା ଲାଗି ଉତ୍କଳ ସମ୍ମିଳନୀ ସମେତ ବିଭିନ୍ନ ସଙ୍ଗଠନ ଦାବି କରି ଆସୁଛନ୍ତି। ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପରେ ଏହାକୁ ଉଠାଇ ନିଆଯିବ ବୋଲି ମେୟର କହିଥିଲେ ମଧ୍ୟ ଏଯାଏ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ପ୍ରତିବାଦରେ ବୁଧବାର ଉତ୍କଳ ସାମାଜିକ ଓ ସାଂସ୍କୃତିକ ସଂଗଠନ(ଉଷାକା)ପକ୍ଷରୁ ଉକ୍ତ ଭାସ୍କର୍ଯ୍ୟ ସମ୍ମୁଖରେ କଳା ଫିତା ଦେଖାଇ ନୀରବ ପ୍ରତିବାଦ କରାଯାଇଛି। ଉଷାକାର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ଇତିହାସ ପ୍ରାଧ୍ୟାପିକା ମିତ୍ରା ମହାପାତ୍ର, ଡାକ୍ତର ଦୁର୍ଗାଶଙ୍କର ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ, ଧଉଳି ଆର୍ଟ କଲେଜ ଅଧ୍ୟକ୍ଷ ପଞ୍ଚାନନ ସାମଲ, ଉପାଧ୍ୟକ୍ଷ ରାମଜୀବନ ଗୋଛାୟତ, କାର୍ଯ୍ୟକାରୀ ସଭାପତି ବେଣୁଧର ବିଶ୍ୱାଳ, ଚିତ୍ରଶିଳ୍ପୀ ଚିନ୍ତାମଣି ବିଶ୍ୱାଳ, ଖବରଦାତା ସତ୍ୟାନନ୍ଦ ନାୟକ, ଆଇନଜୀବୀ ସମରେଶ ବେଉରିଆ, ଅଧ୍ୟାପିକା ଶତାବ୍ଦୀ ପଲାଇ, ମେଘାଦୀପ୍ତି ମହାପାତ୍ର, ସୂର୍ଯ୍ୟ ନାରାୟଣ ମହାନ୍ତି, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ପ୍ରମୁଖ ଯୋଗଦେଇ ପ୍ରତିବାଦ କରିଥିଲେ।

## ତହସିଲ ଅଫିସରେ ମ୍ୟାଜିକ୍ ଶୋ'ର ଭିଡିଓ ଭାଇରାଲ





ଖୋର୍ଦ୍ଧା,୧୫ା୧(ପ୍ରଭାତ ପାଣିଗ୍ରାହୀ)

### କାମ ଛାଡ଼ି ଶୋ' ଦେଖିଲେ କର୍ମଚାରୀ

ମ୍ୟାଜିକ୍ ଶୋ' ଦେଖିବା ଲାଗି ସମସ୍ତଙ୍କ ଆଗ୍ରହ ରହିଥାଏ। ସର୍ବସାଧାରଣ ସ୍ଥାନରେ ଏହା ଆୟୋଜିତ ହୋଇଥାଏ। ହେଲେ ବୁଧବାର ଅପରାହ୍ନରେ ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟରେ ମ୍ୟାଜିକ୍ ଶୋ' ହେଉଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ କାମ ଛାଡ଼ି ମ୍ୟାଜିକ୍ ଶୋ' ଦେଖିବା ସହ ତାଳି ମାରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କାମ ଛାଡ଼ି ମ୍ୟାଜିକ୍ ଶୋ' ଦେଖୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ, ତହସିଲ ଅଫିସ ଜିଲା ସଦର ମହକୁମାରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ। ଜମି ପଟ୍ଟା, ବାସସ୍ଥାନ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ରଠାରୁ ଆରମ୍ଭ କରି ବହୁ କାର୍ଯ୍ୟ ପାଇଁ ଲୋକେ ଏଠାକୁ ଆସିଥାନ୍ତି। ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ଏହି କାର୍ଯ୍ୟାଳୟ ଭିତରେ ମ୍ୟାଜିକ୍ ଶୋ' ଚାଲିଥିବା ବେଳେ କେହି କର୍ମଚାରୀ ମୋବାଇଲରେ ରେକର୍ଡ କରି ଭାଇରାଲ କରିଥିବା କୁହାଯାଇଛି। ଅନ୍ୟପଟେ ଏନେଇ ତହସିଲଦାର ବିଭାସ ପାଣିଗ୍ରାହୀଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଶିକ୍ଷା ବ୍ୟବସ୍ଥା ସୁଧାରିବା ପରେ ଜାତୀୟ ଶିକ୍ଷାନୀତି ଲାଗୁ ହେଉ

ଭୁବନେଶ୍ୱର,୧୫ା୧(ସୁଚିସ୍ମିତା ସାହୁ)

ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିବା ଭଲ ପଦକ୍ଷେପ। ବଜେଟରେ ଯଦି ପର୍ଯ୍ୟାପ୍ତ ବ୍ୟୟ ବରାଦ ନ ହେବ, ତେବେ ଏହାର ଫଳ ଓଟଲା ହେବ ବୋଲି ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ କୁହାଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି, ଉପଯୁକ୍ତ ଭିତ୍ତିଭୂମି, ଅନୁସଙ୍ଗିକ ବ୍ୟବସ୍ଥା ସହ ଆବଶ୍ୟକ ପ୍ରଶିକ୍ଷିତ ଶିକ୍ଷକଙ୍କ ବ୍ୟବସ୍ଥା ନ କରି ନୂତନ ଶିକ୍ଷାନୀତି ଲାଗୁ କରିବା ଏକ ଅବାସ୍ତବ ପରିକଳ୍ପନା। ରାଜ୍ୟରେ ଏପର୍ଯ୍ୟନ୍ତ ଅଙ୍ଗନୱାଡି, ଆଦିବାସୀ କଲ୍ୟାଣ ବିଭାଗ ଓ ଗଣଶିକ୍ଷା ଓ ଉଚ୍ଚ ଶିକ୍ଷା ବିଭାଗ ଭିତରେ ତାଳମେଳ ନାହିଁ। ତେଣୁ ବ୍ୟବସ୍ଥାକୁ ଆଗ ଠିକ୍ କରି ନୂତନ ଶିକ୍ଷାନୀତି ଲାଗୁ କରିବା ପାଇଁ ରାଜ୍ୟ ସରକାର ଚିନ୍ତା କରନ୍ତୁ। ଖାଲି ପ୍ରଚାର ପାଇଁ ଯୋଜନାଗୁଡିକ ଘୋଷଣା କଲେ ଶିକ୍ଷା ବ୍ୟବସ୍ଥା ଆହୁରି ଭୁଶୁଡି ପଡିବ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରାଜଶ୍ରୀ



@ ଆଦିତ୍ୟ



@ ସୌମ୍ୟରଞ୍ଜନ



@ ଅଶୋକ



@ ପ୍ରମୋଦିନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସ୍ୱର୍ଗୀୟ ସୁଖ, ପ୍ରେମର ବାର୍ତ୍ତା ଦେଲା 'ଦେବଦାସୀ'



ନାଟକ 'ଦେବଦାସୀ'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୫ା୧ (ସୌମ୍ୟରଞ୍ଜନ ରାଉତ)

ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ମାନବୀୟ ଲୀଳାରେ ଦେବଦାସୀ ପରମ୍ପରା ହେଉଛି ଅନନ୍ୟ। ଠାକୁରଙ୍କୁ ସ୍ୱାମୀ ରୂପେ ବରଣ କରି ମାନବୀ କନ୍ୟା ସାରାଜୀବନ ଶଙ୍ଖା, ସିନ୍ଦୂର, ପାଉଁଜି, ଝୁଣ୍ଟିଆ ଲଗାଇ ନୃତ୍ୟ ସଙ୍ଗୀତ ପରିବେଷଣ କରି ସ୍ୱର୍ଗୀୟ ପ୍ରେମ ପ୍ରାପ୍ତ କରିଥାଏ। ତା'ରି ଭିତରେ ଈଶ୍ୱରୀୟ ସତ୍ତାକୁ ଅନୁଭବ କରିଥାଏ ଦେବଦାସୀ। ସ୍ପର୍ଶ, ପ୍ରେମ, ସାନ୍ନିଧ୍ୟ, ସାହଚର୍ଯ୍ୟ...ସବୁ କିଛି ପାଇଥାଏ। ସେଥିପାଇଁ ସେ ନିଜକୁ ଅଳଙ୍କାରରେ ସଜେଇ ଜଗତ ଠାକୁରଙ୍କ ସମ୍ମୁଖରେ ନୃତ୍ୟ କରୁ କରୁ ସତେଯେମିତି ପାଇଯାଏ ସ୍ୱର୍ଗୀୟ ସୁଖ। ଜଗନ୍ନାଥଙ୍କ ସେବାଦାସୀ-ଦେବଦାସୀର ଆବେଗ ଓ ସମର୍ପଣ ଭାବକୁ ନେଇ ପରିପୁଷ୍ଟ ହୋଇଛି ନାଟକ 'ଦେବଦାସୀ'। ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ମନନ ନାଟ୍ୟସଂସ୍ଥାର ୪୬ତମ ବାର୍ଷିକ ନାଟକ ମହୋତ୍ସବର ବୁଧବାର ତୃତୀୟ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ଏହି ନାଟକ। ଚରିତ୍ରରେ ମନୋହର, ଦିନେଶ, କାମାକ୍ଷା, ଜୟଦେବ ଓ ସାଥୀ କଳାକାର ଅଭିନୟ କରିଥିବାବେଳେ ନାଟ୍ୟ ରଚନା କରିଛନ୍ତି ଦିନେଶ ଦାସ। କାର୍ତ୍ତିକ, ପ୍ରମୋଦ ଓ ମାଧବ ମଞ୍ଚ ପରିଚାଳନା କରିଥିଲେ।

### ୨ଜଣଙ୍କୁ 'ମନନ ସମ୍ମାନ'

ଏହି ଅବସରରେ ଜିତେନ୍ଦ୍ର ପଟ୍ଟନାୟକ ଓ ହିମାଂଶୁ ଭୂଷଣ ଓଝାଙ୍କୁ 'ମନନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥିଭାବେ ପୂର୍ବତନ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ସିନେ ଅଭିନେତା ତଥା ନାଟ୍ୟନିର୍ଦ୍ଦେଶକ ଲାଲା ବୀରେନ ରାୟ, ମନନ ନାଟ୍ୟ ସଂସ୍ଥାର ସଭାପତି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ'



ଓଡ଼ିଶା ପରିବେଶ ସମିତିର ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୧୫ା୧(ବନ୍ଦନା ସେଠୀ)

### ଓଡ଼ିଶା ପରିବେଶ ସମିତିର ଆଲୋଚନାଚକ୍ର

ଦ୍ରୁତ ସହରୀକରଣ, ଶିଳ୍ପାୟନ ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁ ଭାରତର ବିଭିନ୍ନ ମ୍ୟୁନିସିପାଲିଟି ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ଉଭା ହୋଇଛି। ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତିରେ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ, ପରିବହନ, ପ୍ରକ୍ରିୟାକରଣ ଏବଂ ନିଷ୍କାସନ ଏଥିରେ ଅନ୍ତର୍ଭୁକ୍ତ ରହିଛି। ମାତ୍ର ସୀମିତ ଭିତ୍ତିଭୂମି, ସଚେତନତା ଅଭାବ ଏବଂ ଅନୁପଯୁକ୍ତ ବର୍ଜ୍ୟବସ୍ତୁ ନିଷ୍କାସନ ଅଭ୍ୟାସ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହୋଇ ବିଭିନ୍ନ ପରିବେଶୀୟ ଓ ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟିଛି ବୋଲି ମତ ପ୍ରକାଶ ପାଇଛି। ବୁଧବାର ଓଡ଼ିଶା ପରିବେଶ ସମିତି ପକ୍ଷରୁ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା- ଏକ ଗମ୍ଭୀର ଚିନ୍ତାର ବିଷୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏଥିରେ ଅଧ୍ୟକ୍ଷତା କରି କହିଲେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୦୦୦ ମସିହାରେ 'ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ପରିଚାଳନା ଏବଂ ବ୍ୟବହାର) ନିୟମ' ପ୍ରଣୟନ କରି ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ନିର୍ଦ୍ଦେଶାବଳୀ ସ୍ଥିର କରିଥିଲା। ବର୍ଜ୍ୟବସ୍ତୁ ପରିଚାଳନାକୁ ଅଧିକ ଦକ୍ଷ ଏବଂ ପରିବେଶ ଅନୁକୂଳ କରିବା ଲକ୍ଷ୍ୟରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬' ଅଧୀନରେ ଏହି ନିୟମକୁ ସଂଶୋଧିତ କରାଗଲା। ସେହିପରି ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ପରିଷ୍କାର ପରିଚ୍ଛନ୍ନତା ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବାର ଲକ୍ଷ୍ୟ ରଖି ୨୦୧୪ରେ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ ହୋଇଥିଲା। ମାତ୍ର ଏସବୁ ପ୍ରୟାସ ସତ୍ତ୍ୱେ ଯେଉଁଭଳି ସଫଳତା ମିଳିବା କଥା ମିଳିପାରୁ ନାହିଁ ବୋଲି ଡ. ପାତ୍ର ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପରିବେଶ ମନ୍ତ୍ରଣାଳୟର ପୂର୍ବତନ ପରାମର୍ଶଦାତା ଡ. ବୀରେନ୍ଦ୍ର ପ୍ରତାପ ଉପାଧ୍ୟାୟ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ପୂର୍ବତନ ମୁଖ୍ୟ ଡ. ହାଡ଼ିବନ୍ଧୁ ପାଣିଗ୍ରାହୀ, ବୋର୍ଡ଼ର ପୂର୍ବତନ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ସୂର୍ଯ୍ୟ ଶଙ୍କର ମିଶ୍ର ଏବଂ ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ବର୍ତ୍ତମାନର ନିୟମାବଳୀ, ବିଭିନ୍ନ ବ୍ୟବସ୍ଥା ଏବଂ ପ୍ରସ୍ତାବିତ ସଂଶୋଧନ ବିଷୟରେ ଆଲୋଚନା କରିଥିଲେ।

